

# ତ୍ରୈତାରାଧନା


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଚାଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ – 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଗ୍ରନ୍ଥଲୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଷ୍ଟ ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଭ୍ରତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୁତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ଧଳକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୫୮. ଶ୍ରୀକୃଷ୍ଣାଷ୍ଟମୀ

୫୯. ନଖ - ଗୁରୁ

୬୦. ଦଶ- ଦିଶା

୬୧. କଥା - ପଥ୍

୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା

୬୩. କଲିଯୁଗ

୬୪. ସେବା ପ୍ରତିଶତ

୬୫. ପ୍ରକୃତି-ବିକୃତି

୬୬. ପୈତ୍ୟ -ସୈତ୍ୟ

୬୭. ନିଜ-ସହଜ

୬୮. ଭକ୍ତି-ଭୟ

୬୯. ରୀତି

୭୦. ଶଙ୍କୋଚ-ଧମକ

୭୧. ଯେ ତୋ ପଛରେ ଥାଏ ।

୭୨. ଶବ-ଶିବ

୭୩. ଶୈବ-ବୈଷ୍ଣବ

୭୪. ଧର୍ମ-ଅଧର୍ମ

୭୫. ଦ୍ରାବିଡ-ଆର୍ଯ୍ୟ

୭୬. କଞ୍ଚା-ପାଚିଲା-କଞ୍ଚା

୭୭. ଯୁଗ-ଯୋଗ

୭୮. ଈଶ୍ୱରଙ୍କର ମତ ଅଛି ?

୭୯. କର୍ମ ମର୍ମ

୮୦. ଜନମ-ମରଣ

୮୧. ଏକତା-ଏକାଗ୍ରତା

୮୨. ଚମତ୍କାର ଆତ୍ମା

୮୩. ନିଦର୍ଶନ-ନିରୂପଣ

୮୪. ଗୁରୁ କିଏ ?

୮୫. ତ୍ରୈତ ସିଦ୍ଧାନ୍ତ

୮୬. ସ୍ତ୍ରୀ/ପୁଂ - ଲିଙ୍ଗ

୮୭. ଜୀର୍ଣ୍ଣ+ଆଶୟ

୮୮. ଶ୍ରୀକୃଷ୍ଣ କିଏ ?

୮୯. ଖେଳ-ଲୁଚକାଳି ଖେଳ

୯୦. ପ୍ରଜା-ମାନବ

୯୧. ଦନ୍ତ-ଅନ୍ତ, ୯୨. ମତ-ପଥ

୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ

୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ

୯୭. ପ୍ରଭୁ-ପ୍ରଭୁତ୍ୱ

୯୮. ଜ୍ଞାନ-ବିଜ୍ଞାନ

୯୯. ବାର-ମାସ-ବତ୍ସର

୧୦୦. ଭୂତ-ମହାଭୂତ

୧୦୧. ସେଖ୍ ବଲି-କୁଲି ସେବା

୧୦୨. ଆତ୍ମାର ଚିହ୍ନ କେଶ

୧୦୩. ଗଞ୍ଜା - ପାରଦ

୧୦୪. ଇନ୍ଦୁ ମହାସମୁଦ୍ର

୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା

୧୦୬. ଅଧର୍ମ ଆରାଧନା

୧୦୭. ପୁସ୍ତକ-ଗ୍ରନ୍ଥ

୧୦୮. ପାଦ-ପାପୁଲି

୧୦୯. ପୁଟଗୋସି-ମୁଲତ୍ରାଡୁ

୧୧୦. ୧୨୩ ଗୁରୁପୌର୍ଣ୍ଣମୀ

୧୧୧. ଅକ୍ଷମଣୀୟ ପାପ

୧୧୨. ମରଣ -ଶରୀର

୧୧୩. ଦିବ୍ୟ ଖୁରାନ୍-ହଦୀସ୍

୧୧୪. ଇନ୍ଦୁ-ହିନ୍ଦୁ

୧୧୫. ସୁଖ-ଆନନ୍ଦ

୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର -
ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା
ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ
ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । -
ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା,
ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ
ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ
ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଲ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ପ୍ରଶାନ୍ତ ପଟ୍ଟନାୟକ:9160767516.
୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.
୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ଶ୍ରୀନିବାସମାନସିଂହ: 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8249683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପ୍ରଥମ ଦୈବଗ୍ରନ୍ଥ ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ                    ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ୍ୟ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା :** ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ଆରାଧନା

ଜଣେ ବ୍ୟକ୍ତି ତାର ଅଭିଳକ୍ଷିତ ମୂଲ୍ୟ ପାଇଁ ବିଚାର କରିବା କିମ୍ବା ଅନ୍ୱେଷଣ କରିବା ସର୍ବସାଧାରଣ ବିଷୟ । ଯାହା ମୂଲ୍ୟବାନ ତାହା ଧନ ସହିତ ସମାନ । ଯାହା ମୂଲ୍ୟବାନ ତାହା କେଉଁଠି, କାହା ପାଖରେ ମିଳିବ, ଜାଣି, ତାହା ପାଇବାପାଇଁ କିଛି କାର୍ଯ୍ୟ ବା ଶ୍ରମବ୍ୟୟ କରିବାକୁ ପଡେ । ଏହି କାର୍ଯ୍ୟ ବା ଶ୍ରମର ଏକ ସ୍ୱତନ୍ତ୍ର ନାମ ଥାଏ, ତାହାକୁ **"ଆରାଧନା"** କୁହାଯାଏ । ମାନବ ନାନା ପ୍ରକାରର ଆରାଧନା କରିଥାଏ । ଯାହାକୁ ଧନ ଭାବି ପାଇବାକୁ ଇଚ୍ଛା କରାଯାଏ, ସେହି ଇପ୍ସିତର ପ୍ରାପ୍ୟାନ୍ୱେଷଣକୁ ଆରାଧନା କୁହାଯାଏ । ଚଳିତ ସନ୍ଦର୍ଭରେ ଏହାର ଏକ ପରିଭାଷାକୁ ଲକ୍ଷ୍ୟ କରିବା । ଜଣେ ଆଉଜଣେ ବ୍ୟକ୍ତିର ସ୍ନେହ ପାଇବାକୁ ଇଚ୍ଛାକଲା ବୋଲି ଭାବିଲେ, ତା ଦୃଷ୍ଟିରେ ସେହି ସ୍ନେହ ତାପାଇଁ ମୂଲ୍ୟବାନ ହୋଇଯାଏ । କାହାଠାରୁ ସ୍ନେହ ଆଶା କରୁଥିବା ପାତ୍ର ସେହି ସ୍ନେହ ପାଇବାକୁ କିଛି ଚେଷ୍ଟା କରେ । ଚେଷ୍ଟା କାର୍ଯ୍ୟ ରୂପରେ କରିବାକୁ ପଡେ । ତେଣୁ ସେ ବ୍ୟକ୍ତିକୁ ଦେଖିଲେ ତାକୁ ସମ୍ମାନ ଦେବା, ତାର ପ୍ରିୟ କାର୍ଯ୍ୟ କରିଦେବା, ତାର ଅନୁକୂଳିତ ଆଚରଣ କରିବା ଇତ୍ୟାଦି କାର୍ଯ୍ୟଗୁଡିଏ କରିବାକୁ ତାର ସ୍ନେହାରାଧାନା କୁହାଯାଏ । ସେହିଭଳି ପ୍ରେମାରାଧନା ମଧ୍ୟ ଥାଏ । ପ୍ରେମ ଆରାଧନାରେ ପ୍ରେମ ତା ପାଇଁ ମୂଲ୍ୟବାନ । ତେଣୁ ପ୍ରେମ + ଆରାଧନା = ପ୍ରେମାରାଧନା କୁହାଯାଏ । ଏହି ସୂତ୍ର ଅନୁଯାୟୀ ବେତନ ରୂପରେ ମିଳୁଥିବା ଧନ ପାଇଁ ଯିଏ ଚାକିରି କରେ, ସେ ଚାକିରି କରିବା ମଧ୍ୟ ତାପାଇଁ ଏକ ଆରାଧନା ଭଳି ହୋଇଥାଏ । ତେଣୁ କେତେକଙ୍କ ପାଇଁ ସେମାନଙ୍କ ବୃତ୍ତି ହିଁ ସେମାନଙ୍କର ଆରାଧନା ବୋଲି କହୁଛେ ।

ଭୂପୃଷ୍ଠରେ ଜଣେ ବ୍ୟକ୍ତି ଏକ ମୂଲ୍ୟବାନ ଜିନିଷଟିଏ ପାଇବା ପାଇଁ କରୁଥିବା ପ୍ରତ୍ୟେକ ଚେଷ୍ଟା ବା କାର୍ଯ୍ୟ ଯଦି ଏକ ଏକ ଆରାଧନା ହୁଏ ତେବେ, ଏହିଭଳି ଆରାଧନା (ପୂଜା) ଭୂପୃଷ୍ଠରେ ଅନେକ ଦେଖିବାକୁ

ମିଳେ । କୌଣସି ଦେବତା(ଦେବାଦେବୀ) ପାଖରୁ ମଣିଷ ତାର ଇପ୍‌ସିତ ମୂଲ୍ୟବାନ ଜିନିଷଟିଏ ପାଇବାପାଇଁ ଯେଉଁ ପ୍ରୟାସ କରିଥାଏ ସେହି ପ୍ରୟାସକୁ "ଦେବତା ଆରାଧନା" କୁହାଯାଏ । ଜଗତରେ ଏହି ଦେବତା ଆରାଧନା ଅନେକ ଥାଏ । ଏକ କ୍ଷୁଦ୍ରଦେବତାକୁ ପ୍ରସନ୍ନ କରି ତାଠାରୁ ଆଶା କରିଥିବା ଜିନିଷଟି ପାଇବାପାଇଁ ତାକୁ ଜନ୍ତୁବଳି ଦେବା ଏକ କାର୍ଯ୍ୟ ହୋଇଥିବା ବେଳେ, ସେହି କାର୍ଯ୍ୟକୁ କ୍ଷୁଦ୍ରଦେବତା ଆରାଧନା କୁହାଯାଏ । ଏହିଭଳି "କ୍ଷୁଦ୍ରଦେବତା ଆରାଧନା" ନାନାବିଧ ଥାଏ । ତାଛଡା କେତେକ "ମହାଦେବତା ଆରାଧନା" ସମାଜରେ ଦେଖିବାକୁ ମିଳେ । ଏହିଭଳି ମଣିଷ ହୋଇଥିବା କେତେକ ଜୀବିତ ବାବାମାନଙ୍କୁ, ମୃତ୍ୟୁବରଣ କରିଥିବା କେତେକ ସ୍ୱାମୀଜୀମାନଙ୍କୁ ମଧ୍ୟ ମଣିଷ ଆରାଧନା କରିଥାଏ । ଏହିଭଳି କହିଚାଲିଲେ ସନ୍ତାନଧନ ନିମନ୍ତେ ସର୍ପମାନଙ୍କୁ, ଆରୋଗ୍ୟଧନ ନିମନ୍ତେ ବୃକ୍ଷଗୁଡିକୁ କିଛିଲୋକ ଆରାଧନା କରିଥାନ୍ତି । ଶାରିରୀକ ବଳକୁ ମହାନ ଭାବୁଥିବା ମଲ୍ଲମାନେ ହନୁମାନଙ୍କୁ, ଚୋରି କାର୍ଯ୍ୟରେ ଉତ୍ତମ ଫଳ ପାଇବାପାଇଁ ଚୋରମାନେ କୃଷ୍ଣଙ୍କୁ, ପାଠପଢାରେ କୃତକାର୍ଯ୍ୟ ହେବାପାଇଁ ସରସ୍ୱତୀଙ୍କୁ, ଶକ୍ତି ପାଇଁ କାଳିକାଦେବୀକୁ ଏହିଭଳି ଅନେକ ପ୍ରକାରର ଆରାଧନା ସମାଜରେ ହୋଇଥାଏ । **ଏହିପରି ରହିଥିବା ଅନେକ ପ୍ରକାରର ଆରାଧନାକୁ ମିଶାଇ ଭଗବଦ୍ଗୀତାରେ "ଅନ୍ୟ ଦେବତା ଆରାଧନା" ବୋଲି ଭଗବାନ କହିଛନ୍ତି ।**

ଯୋଗଶାସ୍ତ୍ର ଭଗବଦ୍ଗୀତାକୁ ଆଧାର କରି ଆରାଧନା ବିଷୟକୁ ଅନୁଧ୍ୟାନ କଲେ, ତାଭିତରେ ଆରାଧନା ବା ପୂଜା ଦୁଇ ପ୍ରକାରର ରହିଥିବା ଜଣାଯାଏ, ତନ୍ମଧ୍ୟରୁ ଗୋଟିଏ ଆରାଧନା ମଣିଷକୁ ଅଶାଶ୍ୱତ ଧନ ଯୋଗାଇ ଦେଇଥାଏ ଏବଂ ଅନ୍ୟଟି ଜୀବକୁ ଶାଶ୍ୱତଧନ ଯୋଗାଇ ଦେଇଥାଏ । ପ୍ରକୃତି ଅଧିନରେ ଥିବା ସୁଖରାଜିକୁ ଯୋଗାଇ ଦେଉଥିବା ଆରାଧନା ବାବଦରେ କହି ଚାଲିଲେ ତାହା ଶହ ଶହ, ହଜାର ହଜାର କିମ୍ବା ଲକ୍ଷ ଲକ୍ଷ

ସଂଖ୍ୟକ ଥାଏ, କିନ୍ତୁ ପରମାତ୍ମାଙ୍କ ଅଧିନରେ ଥିବା ସୁଖ ଯୋଗାଇ ଦେଉଥିବା ଆରାଧନା ମାତ୍ର ତିନିଗୋଟି ଥାଏ । **ତାହା ହିଁ ଭଗବଦ୍ଗୀତାରେ ଥିବା ୧) ବ୍ରହ୍ମଯୋଗ ୨) କର୍ମଯୋଗ ୩) ଭକ୍ତିଯୋଗ** । ଏହି ତିନି ଯୋଗର ଆଚରଣ କରୁନଥିବା ପାତ୍ର ମଧ୍ୟ ଉପରୋକ୍ତ ଯୋଗଗୁଡିକ ଭଳି ରହିଥିବା ତିନିଗୋଟି ଆରାଧନା କରିପାରିବେ ବୋଲି ତିନିଗୋଟି ଦିନରେ, ତିନିଗୋଟି ଭିନ୍ନ କାଳରେ ଆଚରଣ କରିପାରିବା ଭଳି ଆମ ହିତୈଷୀମାନେ ଜଣାଇ ଦେଇଥିଲେ । ଏହି ତିନି ଆରାଧନାକୁ ହିଁ **"ତ୍ରୈତାରାଧନା"** କୁହାଯାଏ । ଦୁନିଆରେ ରହିଥିବା ଆରାଧନା ଗୁଡିକ ଯୋଗ ସମ୍ବନ୍ଧୀୟ ନହୋଇ, ଭୋଗ ସମ୍ବନ୍ଧୀୟ ହୋଇ ରହିଛି । **କେବଳ ତ୍ରୈତାରାଧନା ଏକମାତ୍ର ଜ୍ଞାନଧନକୁ ଯୋଗାଇ ଜୀବକୁ ମୋକ୍ଷକାମୀ କରି ଦିନେ ଈଶ୍ୱରଙ୍କଠାରେ ମିଳିତ କରାଇ ପାରେ । ତ୍ରୈତାରାଧନା ବ୍ୟତୀତ ରହିଥିବା ଅନ୍ୟ ଆରାଧନାଗୁଡିକ କର୍ମ ଜାତ କରି ଜନ୍ମକୁ ପ୍ରେରଣ କରିଥାଏ ।**

ଭଲ ଭାବରେ ଆଲୋଚନା କଲେ ଜନ ସମାଜରେ ନାମ ଖ୍ୟାତି ରହିଥିବା ସ୍ୱାମୀଜୀମାନଙ୍କୁ ମଧ୍ୟ ଆରାଧନାର ପ୍ରକୃତ ଅର୍ଥ ଏବଂ ନିୟମ ମଧ୍ୟ ଅଜଣା ରହିଯାଇଛି ବୋଲି କହିପାରିବା । ଜଣେ ସାଧାରଣ ବ୍ୟକ୍ତିକୁ ଅନୁଧ୍ୟାନ କଲେ ସେ କଣ କରୁଛି ତାହା ତାକୁ ହିଁ ଜଣାନଥିବା ସ୍ଥିତିରେ ରହି ମଧ୍ୟ ମୁଁ ଯାହାକରୁଛି ତାହା ଉପଯୁକ୍ତ ଆରାଧନା ବୋଲି ଭାବିଥାଏ । ଗୋଟିଏ ଦିଗରେ ସାଧାରଣ ଲୋକମାନେ ହୁଅନ୍ତୁ, ଅନ୍ୟ ଦିଗରେ ସ୍ୱାମୀଜୀମାନେ ହୁଅନ୍ତୁ ସମସ୍ତେ ମୋତେ ଯାହା ଜଣାଅଛି ତାହା ହିଁ ସତ୍ୟ ବୋଲି ଦୃଢ ଭାବରେ ରହିବା ଦ୍ୱାରା ପ୍ରକୃତ କଥା କହିଲେ ମଧ୍ୟ ସେମାନେ ଗ୍ରହଣ କରିବା ସ୍ଥିତିରେ ନଥାନ୍ତି । କ୍ୱଚିତ୍ କିଛି ଲୋକ ସେମାନେ ଯାହା ଜଣା ନାହିଁ ତାହା ଜାଣିବା ପାଇଁ ଇଚ୍ଛା କରୁଥିଲେ ମଧ୍ୟ ନାନା ଦେବତାରାଧନା କରୁଥିବା ଲୋକମାନଙ୍କୁ ଆଶ୍ରୟ କରି ସେହିମାନଙ୍କ ମାର୍ଗରେ ବାଧହୋଇ ଚାଲୁଛନ୍ତି ।

**ଆରାଧନାଗୁଡିକ ଭିତରେ ବଡ ବଡ ଆରାଧନା ବୋଲାଉଥିବା ଯଜ୍ଞ ଯାଗ, ଜପ ତପ ମୋତେ ପାଇବା ପାଇଁ କାର୍ଯ୍ୟରେ ଆସେ ନାହିଁ ବୋଲି ଭଗବଦ୍ଗୀତାରେ ଈଶ୍ୱର ଜଣାଇଥିଲେ ମଧ୍ୟ ସେ ବିଷୟରେ ଥିବା ଜ୍ଞାନ ସେମାନଙ୍କୁ ଅଜଣା ରହିଯାଇଛି କହିଲେ ଅତିଶୟୋକ୍ତି ହୁଏ ନାହିଁ** । ପିଠାଧିପତି, ମଠାଧିପତିମାନଙ୍କ ସମେତ ସମସ୍ତେ ବାହ୍ୟ ଯଜ୍ଞାଦି କରୁଛନ୍ତି ସିନା ଭିତରେ ହେଉଥିବା ଅନ୍ତଃଯଜ୍ଞକୁ ସମସ୍ତେ ଭୁଲିଯାଇଛନ୍ତି । **ଭଗବଦ୍ଗୀତାରେ କୁହାଯାଇଥିବା ଦ୍ରବ୍ୟଯଜ୍ଞ ଏବଂ ଜ୍ଞାନ ଯଜ୍ଞ ବିଷୟ କେହି ଜାଣିପାରି ନାହାନ୍ତି** । ଏହିଭଳି ସ୍ଥିତିରେ ସାଧାରଣ ମାନବକୁ ଉପଯୁକ୍ତ ମାର୍ଗରେ ଚଲାଇ, ଈଶ୍ୱରଙ୍କ ସମୀପରେ ପହଁଚାଇବା ପାତ୍ର କେହି ନଥାନ୍ତି । ଠିକ୍ ଏହିଭଳି ସମୟରେ ଦ୍ୱାପର ଯୁଗରେ ଈଶ୍ୱର ବା ପରମାତ୍ମା ଭଗବାନ ହୋଇ ଭୂପୃଷ୍ଠକୁ ଆସି, ଅନ୍ୟ ଦେବତା ଆରାଧନା ନକରି କେବଳ ତାଙ୍କୁ ଆରାଧନା କରିବାପାଇଁ ଭଗବଦ୍ଗୀତାରେ କହିଥିଲେ । ଶେଷରେ ଯଜ୍ଞ, ଦାନ, ବେଦପଠନ, ତପସ୍ୟା ମଧ୍ୟ ତାଙ୍କ ଆରାଧନା ନୁହେଁ, ସେଗୁଡିକ ଦ୍ୱାରା ତାଙ୍କୁ ପାଇହେବ ନାହିଁ ବୋଲି କହି ଚାଲିଯାଇଥିଲେ । ଏକଥା ଯଦି ସମସ୍ତେ ଜାଣିଯିବେ ତେବେ ପ୍ରଜାମାନସରେ ଥିବା ଆମର ସମ୍ମାନ ତଳେ ପଡିଯିବ ବୋଲି ଭାବୁଥିବା କେତେକ ସ୍ୱାମୀଜୀମାନେ ଈଶ୍ୱରବାଣୀକୁ ମଧ୍ୟ ପ୍ରଜାମାନେ ଜାଣି ନପାରିବା ଭଳି କରିଦେଲେ । ତେଣୁ ଐଶ୍ୱରୀୟ ଜ୍ଞାନ ବିଷୟରେ ପ୍ରଜାମାନେ ନାନା କ୍ଷତିବରଣ କରିଛନ୍ତି ବୋଲି କହିପାରିବା ।

ଏହି ବିଷୟକୁ ଜାଣିଥିବା ଈଶ୍ୱର ସ୍ୱୟଂ ଭୂପୃଷ୍ଠରେ କହିଥିବା ଧର୍ମକୁ ସମସ୍ତେ ଭୁଲିଯାଇଛନ୍ତି ବୋଲି ଜାଣି, ଅଧର୍ମର ବିନାଶ କରି ଧର୍ମ ବୃଦ୍ଧି କରିବା ପାଇଁ ପୂର୍ବରୁ ରହିଥିବା ଜ୍ଞାନ ବିଷୟ ଆମକୁ ମନେ ପକାଇଦେବା ଯୋଜନା କରିଛନ୍ତି । ତେଣୁ ଏହି ବିଷୟକୁ ଆତ୍ମା ମୋର ଉଭାବ ଦ୍ୱାରା ମୋତେ ଯୋଗାଇ, ଲେଖାଇ ଆପଣମାନଙ୍କୁ ଜଣାଉଛନ୍ତି । ତେଣୁ **ତୈତାରାଧନା** ନାମକ ଏହି ଗ୍ରନ୍ଥରେ ସେହି ତିନି ଆରାଧନା ଦେବତାମାନଙ୍କ ପାଖରେ

କରାଯାଉଥିବା ଆରାଧନା ଭଳି ନୁହେଁ, ଈଶ୍ୱର ଗୀତାରେ ଜଣାଇଥିବା ତିନି ଯୋଗର ସାରାଂଶ ହିଁ ତୈତାରାଧନା ବୋଲି ଜାଣିବା ଉଚିତ୍ । ଯେଉଁମାନେ ତୈତାରାଧନା କରିଥାନ୍ତି ସେମାନେ ତିନିଗୋଟି ଯୋଗକୁ ମଧ୍ୟ ଆଚରଣ କରିବା ଭଳି ହୋଇଥାଏ । ତେଣୁ ଦୈବ ସନ୍ନିଧାନ ହୋଇଥିବା ମୋକ୍ଷରେ ପହଞ୍ଚିବା ପାଇଁ ଏହି ତିନି ଆରାଧନା ହିଁ ତିନିଗୋଟି ସୋପାନ ହୋଇ ରହିଛି ବୋଲି କହିପାରିବା । ଏହି ତ୍ରୈତାରାଧନା ବାବଦରେ ପଢ଼ି ମଧ୍ୟ ଯଦିଓ ଆଚରଣରେ ଆଣିପାରି ନାହାନ୍ତି; ତଥାପି ସେଥିରେ ଦୁଃଖ ନାହିଁ, କିନ୍ତୁ ଯଦି ସେମାନେ ଏହାର ବ୍ୟତିରେକ କଥାବାର୍ତ୍ତା କରନ୍ତି ତେବେ ତାହା ଦୈବନିନ୍ଦା ହୋଇଥାଏ । ଏହିଭଳି ସମସ୍ତେ ଭୁଲିଯାଇଥିବା ତ୍ରୈତାରାଧାନା ବାବଦରେ କାହାକୁ କହିବା କିମ୍ବା ଏହି ପୁସ୍ତକ କାହାକୁ ଦାନ ଦେବା ମଧ୍ୟ ଈଶ୍ୱରଙ୍କ କାର୍ଯ୍ୟ କରିବା ଭଳି ହୋଇଥାଏ । ଏହା ହିଁ ପ୍ରକୃତ ସତ୍ୟ ଏବଂ ପ୍ରକୃତ ଦୈବସେବା ହୋଇଥାଏ ।

(ଇତି)

ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ଦ୍ୱୈତାରାଧନା

"ଗଗନମ୍ ଶୂନ୍ୟମ୍" ନାମକ ରଢ଼ି ସମସ୍ତେ ନିଶ୍ଚୟ ଶୁଣିଥିବେ । ତାହା କେବଳ ଏକ ରଢ଼ି ନୁହେଁ ନଗ୍ନସତ୍ୟ ମଧ୍ୟ । ବ୍ୟାଖ୍ୟା କରି କହିବାକୁ ଗଲେ ଗଗନ ଅର୍ଥ ଆକାଶ । ଆକାଶ ଅର୍ଥାତ୍ ଶୂନ୍ୟ । ଶୂନ୍ୟତାକୁ ଈଶ୍ୱରଙ୍କ ସମ କିଛି ନୁହେଁ ବୋଲି କହିପାରିବା । ଶୂନ୍ୟତା ବା ଆକାଶ ଈଶ୍ୱର ନହେଲେ ମଧ୍ୟ ଈଶ୍ୱରଙ୍କ ଭଳି ତୁଳିତ । ତେଣୁ ତାହା ଈଶ୍ୱରଙ୍କ ସମୀପ ବୋଲି କହିପାରିବା କିମ୍ୱା ଈଶ୍ୱରଙ୍କ ପାଇଁ ଆକାଶକୁ ହିଁ ରଢ଼ି କରିପାରିବା । କୌଣସି ସ୍ଥୂଳ ପଦାର୍ଥ ହୋଇ ନଥିବା ଈଶ୍ୱରଙ୍କୁ, କୌଣସି ସ୍ଥୂଳବସ୍ତୁ ହୋଇନଥିବା ଆକାଶ ସହିତ ତୁଳନା କରି କହିବା ସୁଯୋଗ ଅଛି । ଆଜି ମଧ୍ୟ ଅନେକେ ଈଶ୍ୱରଙ୍କୁ ମନେପକାଇବା ବେଳେ ଆକାଶ ଦିଗରେ ଦୃଷ୍ଟି ଦେବା ଦୃଶ୍ୟ ପ୍ରାୟ ସମସ୍ତେ ଦେଖିଥିବେ । କ୍ରିକେଟ୍ ଖେଳାଳି ଯେତେବେଳେ ଏକ ଶତକ ସମ୍ପୂର୍ଣ୍ଣ କରେ ସେତେବେଳେ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିବା ପୂର୍ବକ ଆକାଶ ଦିଗରେ ଦୃଷ୍ଟିଦେବା ଦୃଶ୍ୟକୁ ପ୍ରାୟ ସମସ୍ତେ କ୍ରିକେଟ ଖେଳରେ ଲକ୍ଷ୍ୟ କରିଥିବେ, ସେହିଭଳି ଆଉକେତେକ ଈଶ୍ୱର ଉପରୁ ଥାଇ ସବୁ ଦେଖୁଛନ୍ତି, ଉପରବାଲା ସବୁ ଜାଣେ ଇତ୍ୟାଦି କଥା କହୁଥିବା ଶୁଣିଥିବେ । ଏହିଭଳି ଅନେକ ଲୋକ ଈଶ୍ୱର ଆକାଶରେ ବ୍ୟାପିରହିଛନ୍ତି ବୋଲି ଭାବିଥାନ୍ତି । ଈଶ୍ୱର କାହାକୁ ଦେଖାନଯାଇ ସାରା ଆକାଶରେ ଅଣୁଅଣୁ ହୋଇ ବ୍ୟାପି ରହିଛନ୍ତି, ଏହା ବାସ୍ତବ କଥା । ତେଣୁ **"ଗଗନମ୍ ଶୁନ୍ୟମ୍" କହିବା ଭଳି "ଶୂନ୍ୟମ୍ ଦୈବମ୍"** ମଧ୍ୟ କହିପାରିବା । ତାଛଡା ଈଶ୍ୱର ଉପରୁ ଥାଇ ସବୁ ଦେଖନ୍ତି ବୋଲି କେତେକେ କହିଥାନ୍ତି । ଏହି ଅନୁସାରେ ଈଶ୍ୱର ଆକାଶରେ ମଧ୍ୟ ଅଛନ୍ତି ବୋଲି କହିପାରିବା । ଈଶ୍ୱର ବାୟୁ, ଅଗ୍ନି, ଜଳ ଏବଂ ଭୂମିର ଅଣୁ ଅଣୁରେ ବ୍ୟାପିରହିଥିଲେ ମଧ୍ୟ ସେଗୁଡିକୁ ପ୍ରାଧାନ୍ୟତା ନଦେଇ କେବଳ ଆକାଶକୁ କାହିଁକି ପ୍ରାଧାନ୍ୟତା ଦେଇଥାନ୍ତି ତାହା ଦେଖିଲେ ଆମକୁ କିଛି ବିବରଣ ଗୋଚର ହୋଇଥାଏ, ତାହା ନିମ୍ନମତେ ରହିଛି ।

ବାୟୁ, ଅଗ୍ନି, ଜଳ, ଭୂମି ନାମକ ଚାରି ମୌଳିକପଦାର୍ଥ ଭିତରେ କୌଣସି ଗୋଟିଏ ମଧ୍ୟ ସ୍ୱୟଂଦୀପ୍ତ ନୁହନ୍ତି । ଯଦିଓ ଭୂମିରେ କିଛି ଦୀପ୍ତି ପ୍ରତୀୟମାନ ହୁଏ ତେବେ ତାହା ରତ୍ନ ଭଳି କିଛି ଜିନିଷର ରହିଥାଏ ସିନା ସେଗୁଡିକ ସଜୀବ ନୁହନ୍ତି । ଏକୈକ ଆକାଶରେ ସଜୀବ ଭାବରେ ରହି, ଦୀପ୍ତିବନ୍ତ ହେବା ସହିତ ସବୁକିଛିକୁ ଗ୍ରହଣ କରିପାରିବା ସାମର୍ଥ୍ୟ ନେଇ କେବଳ ତିନିଗୋଟି ଗ୍ରାହ୍ୟଶକ୍ତି ବିଶିଷ୍ଟ ଗ୍ରହ ରହିଥାନ୍ତି, ସେଗୁଡିକ ହେଉଛନ୍ତି ୧) ସୂର୍ଯ୍ୟ ୨) ଚନ୍ଦ୍ର ୩) ନକ୍ଷତ୍ର । ଆକାଶରେ ଥିବା ଏହି ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ମାନବ ଦ୍ୱାରା କାହିଁ କେଉଁକାଳରୁ ଆରାଧିତ ହୋଇ ଆସୁଛନ୍ତି । ମାନବ ସୃଷ୍ଟି କରିଥିବା ବିଗ୍ରହ ଆରାଧନା ଭୂପୃଷ୍ଠରେ ପ୍ରବେଶ କରିବା ଆଗରୁ ମଧ୍ୟ ଏହି ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରକୁ ମଣିଷ ଆରାଧନା କରୁଥିଲା । କେତେକ ଦେଶରେ ଅଧିକାଂଶ ଲୋକେ ସୂର୍ଯ୍ୟଙ୍କୁ ଆରାଧନା କରୁଥିବା ବେଳେ କେତେକ ଦେଶରେ ଚନ୍ଦ୍ରଙ୍କୁ ଅଧିକ ଆରାଧନା କରୁଥିଲେ, ଏତଭିନ୍ନ କେତେକ ଦେଶରେ ସ୍ୱତନ୍ତ୍ର ଭାବରେ ନକ୍ଷତ୍ର ଆରାଧନା କରୁଥିଲେ । କେତେକ ଦେଶରେ ଚନ୍ଦ୍ର ଏବଂ ନକ୍ଷତ୍ରକୁ ଆରାଧନା କରିବା ସ୍ଥଳେ, ଆଉକେତେକ ଦେଶରେ ସୂର୍ଯ୍ୟ ଏବଂ ଚନ୍ଦ୍ରକୁ ଆରାଧନା କରୁଥିଲେ, କେତେକ ଦେଶରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ତିନିଗୋଟିକୁ ଆରାଧନା କରୁଥିଲେ । ଆଜି ମଧ୍ୟ ନିଜ ଦେଶର ଜାତୀୟ ପତାକାରେ ସେମାନେ ଆରାଧନା କରୁଥିବା ଗ୍ରହର ସଙ୍କେତକୁ ରଖି ସମ୍ମାନ ଦେଇଥାନ୍ତି । ଆଜି ମଧ୍ୟ ଆମେରିକାର ଜାତୀୟ ପତାକାରେ ନକ୍ଷତ୍ରର ସଙ୍କେତକୁ, ପାକିସ୍ତାନରେ ଚନ୍ଦ୍ର ଏବଂ ନକ୍ଷତ୍ରର ସଙ୍କେତକୁ ସମସ୍ତେ ଦେଖିଥିବେ । ହିସାବ କରି ଦେଖିଲେ ଆଜି ୭୩ ଗୋଟି ଦେଶ ନିଜ ନିଜର ଜାତୀୟ ପତାକାରେ ନିଜ ନିଜର ଆରାଧ୍ୟ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ସଙ୍କେତକୁ ସ୍ଥାନଦେଇ ସମ୍ମାନ ପ୍ରଦର୍ଶ କରିନ୍ତି । ଆର୍ଜେଣ୍ଟିନା ଇତ୍ୟାଦି ୧୩ଗୋଟି ଦେଶ ନିଜ ନିଜ ଜାତୀୟ ପତାକାରେ ସୂର୍ଯ୍ୟର ସଙ୍କେତ

ରଖିଥିବା ସ୍ଥଳେ, ମାଳଦୀପର ବାସିନ୍ଦାମାନେ ଚନ୍ଦ୍ରର ସଙ୍କେତ ରଖିଥାନ୍ତି । ସେହିଭଳି କ୍ୟୁବା, ଚାଇନା, ଆମେରିକା ଇତ୍ୟାଦି ୫୯ଗୋଟି ଦେଶରେ ସେମାନେ ସେମାନଙ୍କ ଜାତୀୟପତାକାରେ ନକ୍ଷତ୍ରକୁ ସମ୍ମାନ ଦେଇଥାନ୍ତି ।



Argentina

**ସୂର୍ଯ୍ୟ - ଆର୍ଜେଣ୍ଟିନା**



Maldives

**ଚନ୍ଦ୍ର - ମାଳ ଦୀପପୁଞ୍ଜ**



Burkina

**ନକ୍ଷତ୍ର - ବୁର୍କିନା**

ପୂର୍ବରୁ ଦୈବଜ୍ଞାନରେ ପଛୁଆ ପଡିଥିବା ୭୩ ଗୋଟି ଦେଶ ଆକାଶରେ ରହିଥିବା ତିନିଗୋଟି ଗ୍ରହଙ୍କୁ ଉନ୍ନତ ରୀତିରେ ଦୈବସମ ଭାବନା କରି ନିଜ ନିଜର ଜାତୀୟ ପତାକାରେ ରଖି ସମ୍ମାନ ଦେଉଥିବା ସ୍ଥଳେ, ପୂର୍ବରୁ ଆତ୍ମଜ୍ଞାନରେ ଅତି ଉନ୍ନତ ସ୍ଥିତିରେ ରହି, ଜ୍ଞାନର ଚିହ୍ନ ଭାବେ ନିଜେ ଇନ୍ଦୁ ଭାବରେ କଥିତ ହୋଇ, ଇନ୍ଦୁଦେଶ ବୋଲି ନାମ ଦେଇଥିବା ଆମେମାନେ ଜ୍ଞାନହୀନ ହୋଇ ସୂର୍ଯ୍ୟ, ଚନ୍ଦ୍ର କିମ୍ବା ନକ୍ଷତ୍ରକୁ ମଧ୍ୟ ଆମ ଜାତୀୟ ପତାକାରେ ନରଖି ତିନି ରଙ୍ଗ ଏବଂ ଗୋଟିଏ ଚକକୁ ସ୍ଥାନ ଦେଇ ସମ୍ମାନ ଦେଉଛେ । ଦେଶର ପତାକା ବାବଦରେ ତଥ୍ୟକୁ ଏଇଠାରେ ରଖିଦେଇ ଦେଖିଲେ, ଭାରତରେ ଆଜି ମଧ୍ୟ ଅନେକେ ସୂର୍ଯ୍ୟ, ଚନ୍ଦ୍ରାଦିଙ୍କ ଆରାଧନା କରିଥାନ୍ତି ବୋଲି ଅସ୍ୱୀକାର କରିପାରିବା ନାହିଁ । ସୂର୍ଯ୍ୟ ନମସ୍କାର ନାମରେ ସୂର୍ଯ୍ୟଙ୍କୁ, ପୁର୍ଣ୍ଣିମାପୂଜା ନାମରେ ଚନ୍ଦ୍ରଙ୍କୁ, ଅମାବାସ୍ୟା ପୂଜା ନାମରେ ନକ୍ଷତ୍ରଙ୍କୁ ଆଜି ମଧ୍ୟ ଆରାଧନା କରାଯିବା ଦେଖାଯାଏ । ଏହିଭଳି ପ୍ରପଞ୍ଚର କୋଣାନୁକୋଣରେ ରହିଥିବା ପ୍ରତ୍ୟେକ ନାଗରୀକ କିମ୍ବା ଅନାଗରୀକ ନିଜର ଜ୍ଞାତ ଅଜ୍ଞାତରେ ଏହି ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରାଦିଙ୍କୁ ଆରାଧନା କରିଥାନ୍ତି । ଇନ୍ଦୁଦେଶ କୁହାଯାଉଥିବା ଭାରତରେ ଆଜି ମଧ୍ୟ କେତେକାଞ୍ଚଳରେ ସୂର୍ଯ୍ୟମନ୍ଦିର ରହିଛି । ସୂର୍ଯ୍ୟ ନମସ୍କାର ନାମରେ ଆଜି ମଧ୍ୟ ସକାଳୁ ଗାଧୋଇବା ପରେ କେତେକେ ସୂର୍ଯ୍ୟପୂଜା କରିଥାନ୍ତି ।

ଏଇଭଳି ଦେଖି ଚାଲିଲେ ଭୂପୃଷ୍ଠରେ ପୂର୍ବରୁ ଆକାଶରେ ଥିବା ତିନିଗୋଟି ଗ୍ରହର ଦୈବସମ୍ବନ୍ଧୀୟ ମୂଲ୍ୟ ରହିଥାଏ ବୋଲି ଜଣାଯାଏ । ଅମୂଲ୍ୟ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରଙ୍କୁ ଟିକିଏ ପରିଶୀଳନ କରି ଦେଖିଲେ ସୂର୍ଯ୍ୟ ପ୍ରଥମ ସ୍ଥାନରେ ରହି ଅଧିକ ତେଜଯୁକ୍ତ ହୋଇ ଆଲୋକ ଯୋଗାଇଥାନ୍ତି, ଚନ୍ଦ୍ର ଦ୍ୱିତୀୟ ସ୍ଥାନରେ ରହି ସୂର୍ଯ୍ୟଙ୍କ ଅପେକ୍ଷା କମ୍ ଆଲୋକ ଦେଇଥାନ୍ତି, ସେହିଭଳି ନକ୍ଷତ୍ର ତୃତୀୟ ସ୍ଥାନରେ ରହି ଚନ୍ଦ୍ରଙ୍କ ଅପେକ୍ଷା କମ୍ ତେଜଯୁକ୍ତ ହୋଇ କମ୍ ଆଲୋକ ଦେଇଥାନ୍ତି । ଅର୍ଥାତ୍ ଆଲୋକ ଦେବାରେ ପ୍ରଥମ ସ୍ଥାନରେ ସୂର୍ଯ୍ୟ ଥିବା ସ୍ଥଳେ, ଦ୍ୱିତୀୟ ସ୍ଥାନରେ ଚନ୍ଦ୍ର, ତୃତୀୟ ସ୍ଥାନରେ ନକ୍ଷତ୍ର ଥାଆନ୍ତି । ଦୂରତା ଅନୁଯାୟୀ କିଏ କାହାଠାରୁ କେତେ ଦୂରରେ ଅଛନ୍ତି ଦେଖିଲେ, ଆଲୋକ ଦେବାରେ ଦ୍ୱିତୀୟ ସ୍ଥାନରେ ଥିବା ଚନ୍ଦ୍ର ଆମଠାରୁ ୩,୮୪,୪୦୧ କିଲୋମିଟର ଦୂରରେ ରହିଥିବା ସ୍ଥଳେ, ସୂର୍ଯ୍ୟ ପ୍ରାୟ ୧୪,୯୬,୦୦,୦୦୦ କିଲୋମିଟର ଦୂରରେ ଅଛନ୍ତି । ସେହିଭଳି ନକ୍ଷତ୍ରଗୁଡିକ ସୂର୍ଯ୍ୟଙ୍କ ଅପେକ୍ଷା କେତେଲକ୍ଷ କିଲୋମିଟର ଦୂରରେ ରହିଛନ୍ତି । ଏହି ଅନୁସାରେ ଦେଖିଲେ ଚନ୍ଦ୍ର ସୂର୍ଯ୍ୟଙ୍କ ଅପେକ୍ଷା ପାଖରେ ଅଛନ୍ତି, ଚନ୍ଦ୍ର ନିକଟରେ, ସୂର୍ଯ୍ୟ ଦୂରରେ ଥିବା ସ୍ଥଳେ ନକ୍ଷତ୍ର ଆହୁରି ଦୂରରେ ଅଛନ୍ତି ବୋଲି ଜଣାଉଛି । ଏହିଭଳି ଆଲୋକ ଦେବାରେ, ଦୂରତାରେ ଏହି ତିନିଗ୍ରହ କିଏ କିପରି ଅଛନ୍ତି ଜାଣିଲେ । ଆଉ ଗୋଟିଏ ଦିଗରୁ କାଳ ଅନୁସାରେ ଦେଖିଲେ ସୂର୍ଯ୍ୟ ଦିନରେ, ଚନ୍ଦ୍ର ରାତିରେ ଏବଂ ନକ୍ଷତ୍ର ସବୁବେଳେ ଦେଖାଯାଇଥାନ୍ତି । ତେଣୁ ଦିନବେଳର ରାଜା ସୂର୍ଯ୍ୟ, ରାତିର ରାଜା ଚନ୍ଦ୍ର ଏବଂ ସବୁ ସମୟର ରାଜା ନକ୍ଷତ୍ର ବୋଲି ଆମ ପୂର୍ବପୁରୁଷମାନେ କାହିଁ କେଉଁକାଳୁ କହିଆସୁଛନ୍ତି । ଆଜି ପର୍ଯ୍ୟନ୍ତ ଅନେକ ଲେଖକମାନେ, କବିମାନେ ସେମାନଙ୍କର ଲେଖାରେ ସୂର୍ଯ୍ୟଙ୍କୁ ଦିବାକର ଚନ୍ଦ୍ରଙ୍କୁ ରଜନୀକର ଲେଖିଥିବା ମଧ୍ୟ ଜଣାଯାଏ ।

ଆକାଶରେ ଉପରୋକ୍ତ ଗ୍ରହମାନଙ୍କ ଆଲୋକ, ଦୂରତା, ଅଧିକାର ଭେଦରେ ତିନି ପ୍ରକାରର ରହିଛନ୍ତି । **"ଗଗନମ୍ ଶୂନ୍ୟମ୍, ଶୂନ୍ୟମ୍ ଦୈବମ୍, ଦୈବମ୍ ତ୍ରୈତମ୍"** ବୋଲି ଏବେ ଆମେ କହୁଛୁ । ଶେଷରେ ଏହି ବାକ୍ୟଗୁଡିକର ସାରାଂଶ କଣ ବୋଲି ଦେଖିଲେ ଦୈବମ୍ (ଦୈବ ବା ଈଶ୍ୱର) ଦେଖାଯାଉ ନଥିବା ତିନିଗୋଟି ଭାଗ ହୋଇ ରହିଛନ୍ତି । ଏହା ଆଧାତ୍ମିକର ଏକ ମୁଖ୍ୟ ସୂତ୍ର ବୋଲି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଦେଖାଯାଉ ନଥିବା ଈଶ୍ୱର ଦେଖାଯାଉ ନଥିବା ତିନି ଭାଗରେ ରହିଛନ୍ତି, ସେହି ତିନି ଭାଗକୁ **ଭଗବଦ୍ଗୀତାରେ କ୍ଷର, ଅକ୍ଷର, ପୁରୁଷୋତ୍ତମ** କହିଛନ୍ତି । ତାହାକୁ ଆଉଟିକିଏ ବୁଝିବା ଭଳି ବ୍ୟାଖ୍ୟା କଲେ ଗୋଟିଏ ବିନାଶୀ, ଅନ୍ୟଟି ଅବିନାଶୀ ତଥା ତୃତୀୟଟି ପୁରୁଷମାନଙ୍କ ଭିତରେ ଅତୀତ, ଉନ୍ନତ ହୋଇଥିବାରୁ ପୁରୁଷୋତ୍ତମ ଭାବରେ ନାମିତ ହୋଇଛି । ଆହୁରି ସରଳ ଭାଷାରେ କହିଲେ ସେହି ତିନି ପୁରୁଷ ଭାଗକୁ ବା କ୍ଷର, ଅକ୍ଷର, ପୁରୁଷୋତ୍ତମଙ୍କୁ ଜୀବାତ୍ମା, ଆତ୍ମା, ପରମାତ୍ମା କହିପାରିବା । ତେଣୁ ଦୈବ ବା ଈଶ୍ୱରଙ୍କୁ ଚିହ୍ନାଇବା ନିମନ୍ତେ ଆଖିକୁ ଦେଖାଯାଉଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରଙ୍କୁ ଆମ ପୂର୍ବପୁରୁଷମାନେ ପ୍ରତ୍ୟକ୍ଷଦୈବ ବୋଲି ଅନେକ ସନ୍ଦର୍ଭରେ କହିଥିଲେ ।

ଦେଖାଯାଉନଥିବା ଦୈବତ୍ୱକୁ ଚିହ୍ନାଇବା ପାଇଁ ଦେଖାଯାଉଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରଙ୍କୁ ସେମାନେ ସୂଚିତ କରିଥିଲେ ବୋଲି ଆଜି ଆମ ପାଖରେ ବଳଶାଳୀ ଆଧାର ମଧ୍ୟ ରହିଛି । ତାହା ହେଉଛି ! ଭଗବତ୍ ଗୀତାରେ ସ୍ୱୟଂ ଈଶ୍ୱର **"ମୁଁ କାଳ"** ବୋଲି କହିଛନ୍ତି । କାଳ ସହିତ ତୁଳନା କରିବା ପାଇଁ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରଙ୍କ ବ୍ୟତୀତ ଆମ ପାଖରେ ଆଉକିଛି ନାହିଁ । ତେଣୁ କୌଣସି ଦିଗରୁ ଲକ୍ଷ୍ୟକଲେ ଦୈବତ୍ୱ ସହିତ ତିନି ଗୋଳର (ଗ୍ରହର) ଅନେକ ସମ୍ପର୍କ ରହିଛି ବୋଲି ଜଣାଯାଉଛି । ଏପର୍ଯ୍ୟନ୍ତ ଆମେ ଯାହା ବୁଝୁଥିଲେ ତାହା ଅଭୌତିକ ଶକ୍ତି ହୋଇଥିବା ଦୈବତ୍ୱକୁ

ଜଣାଇବା ପାଇଁ ବା ଚିହ୍ନାଇବା ପାଇଁ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ନାମକ ତିନିଗୋଲ କିପରି ଆଧାର ହୋଇ ରହିଛନ୍ତି ଜାଣିବା ସହିତ ଭୌତିକତଃ ଦୃଷ୍ଟିଗୋଚର ହେଉଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ବାବଦରେ ମଧ୍ୟ ଜାଣିଲେ । ଏବେ ଆଧ୍ୟାତ୍ମିକ ଦିଗରୁ ଏହାର ବିବରଣକୁ ଜାଣିବା । ଏପର୍ଯ୍ୟନ୍ତ ଆମେ ଯେଉଁ ବାବଦରେ ଆଲୋଚନା କଲେ ତାହା ସମଗ୍ର ବିଶ୍ୱବାସୀଙ୍କ ସମ୍ବନ୍ଧୀୟ ବିଷୟ ବୋଲି ଜାଣିବା ଉଚିତ୍ । ଏହା ସର୍ବ ବିଶ୍ୱବାସୀଙ୍କ ସମ୍ବନ୍ଧୀୟ ବିଷୟ ହୋଇଥିବାରୁ କୌଣସି ମତ (ଧର୍ମ) ସମ୍ବନ୍ଧୀୟ ନୁହେଁ ବୋଲି ମନେ ରଖିବା ଉଚିତ୍ । ଈଶ୍ୱର ସମସ୍ତଙ୍କୁ ସୃଷ୍ଟି କରିଛନ୍ତି, ସେ ସମସ୍ତଙ୍କର, ଈଶ୍ୱରଙ୍କୁ ଜାଣିବାରେ ସମସ୍ତଙ୍କର ସମାନ ଅଧିକାର ବା ସମାନ ହକ୍ ଅଛି । ତେଣୁ ଏହି ବିଷୟ ମତାତୀତ (ଧର୍ମାତୀତ)ବିଷୟ ବୋଲି ଜାଣିବା ଉଚିତ୍ ।

ଭୂପୃଷ୍ଠରେ ମଣିଷକୁ ଈଶ୍ୱର ଗୋଟିଏ ପଦ୍ଧତିରେ ତିଆରି କରି କୌଣସି ମତ (ଧର୍ମ) ହୋଇନଥିବା ଗୋଟିଏ ଧର୍ମ ଅନୁସାରେ ଜନ୍ମ ଦେଇଥିଲେ ମଧ୍ୟ ମଣିଷ ଅଧର୍ମ ଆଚରଣ କରି ଅନେକ ମତକୁ ସୃଷ୍ଟି କରିବସିଛି । ସର୍ବ ମାନବସମାଜ ଗୋଟିଏ ଜାତିର ବୋଲି ଭୁଲିଯାଇ ଧର୍ମାନ୍ଧତାରେ ପଡି ନିଜ ଜାତିକୁ ନିଜେ ହିଂସା କରୁଥାଇ ଜଣେ ଅନ୍ୟଜଣକ ଉପରେ ଆକ୍ରମଣ କରିବାକୁ ପଛାଉ ନାହିଁ । ଏହିଭଳି ରହିଥିବା ମତଦ୍ୱେଷ, ମତହିଂସାକୁ ସମାଜରୁ ଦୂରେଇବାକୁ ହେଲେ ମଣିଷକୁ ନିହାତି ଦୈବଜ୍ଞାନ ଜାଣିବାକୁ ହେବ । ବାସ୍ତବରେ ମଣିଷ ଦୈବଜ୍ଞାନ ଜାଣିବା ଉଚିତ୍ । ଦୈବଜ୍ଞାନ ଅନୁସାରେ ମଣିଷ ହେଉ, କୌଣସି ଜନ୍ତୁ ହେଉ, ପକ୍ଷୀ ହେଉ କୌଣସି ଜୀବରାଶି ହୁଅନ୍ତୁ ସମସ୍ତେ ମତାତୀତ ଭାବରେ ରହିଛନ୍ତି । ସେହି ଅନୁସାରେ ପ୍ରତ୍ୟେକ ମଣିଷର ଦୈବଧର୍ମ ସମାନ । କୌଣସି ମଣିଷଠାରେ ଦେଖିଲେ ତାର ଶରୀରରେ ତିନିଗୋଟି ଆତ୍ମା ରହିଥାଏ । ଶରୀର ଅଲଗା ଏବଂ ସେଥିରେ ରହୁଥିବା ଆତ୍ମା ଅଲଗା । ଶରୀର ଦେଖାଯାଇଥାଏ, ଆତ୍ମାଗୁଡିକ ଦେଖାଯାଇ ନଥାନ୍ତି । ମଣିଷ ଉପରେ ଉପରେ ମୁଁ ଅମୁକ

ମତର, ମୋର ଆରାଧ୍ୟ ଅମୁକ ବୋଲି କହିଲେ ମଧ୍ୟ ଶରୀର ଭିତରେ ରହିଥିବା ଆତ୍ମାଗୁଡିକ ସମସ୍ତଙ୍କ ଶରୀରରେ ଗୋଟିଏ ଧର୍ମ ଅନୁସାରେ ତିଆରି ହୋଇ ରହିଛନ୍ତି । ଆମ ମତରେ ଆତ୍ମା ବାବଦରେ କୁହାଯାଇ ନାହିଁ କହିଲେ ମଧ୍ୟ, ମତ ଭିତରେ ଦୁଇଟି କିମ୍ବା ଗୋଟିଏ ମାତ୍ର ଆତ୍ମା ରହିଛନ୍ତି ବୋଲି କହିଲେ ମଧ୍ୟ, ଆମଇଚ୍ଛା ଅନୁସାରେ ଆମ ମତ, ଆମ ମତନିୟମ ବାବଦରେ କହିଲେ ମଧ୍ୟ ଈଶ୍ୱରଙ୍କ ନିୟମ ବା ଧର୍ମ ଅନୁସାରେ ପ୍ରତ୍ୟେକ ଶରୀରରେ ତିନିଗୋଟି ଆତ୍ମା ଥାଆନ୍ତି, ସେହି ତିନି ଆତ୍ମା ଜୀବାତ୍ମା, ଆତ୍ମା, ପରମାତ୍ମା ବୋଲି ଜାଣି ମନେ ରଖିବା ଉଚିତ୍ । ଆଧ୍ୟାତ୍ମିକ ପାଇଁ ଏହି ତିନି ଆତ୍ମା ହିଁ ଆଧାର ହୋଇ ରହିଛନ୍ତି । **କୌଣସି ବ୍ୟକ୍ତିକୁ ଯଦି ଏହି ତିନି ଆତ୍ମାର ବିବରଣୀ ଜଣା ନାହିଁ ତେବେ ତାକୁ ଆଧ୍ୟାତ୍ମିକ ହିଁ ଜଣା ନାହିଁ ବୋଲି କହିପାରିବା** । ଏହି ତିନି ଆତ୍ମାଙ୍କୁ **ତ୍ରୈତ** କହୁଛୁ, ତ୍ରୈତ ଶାସ୍ତ୍ରବଦ୍ଧ ଭାବରେ, ସିଦ୍ଧାନ୍ତବଦ୍ଧ ଭାବରେ କୁହାଯାଇଥିବାରୁ ସେହି ତିନି ଆତ୍ମାର ଶାସ୍ତ୍ରୀୟତାକୁ **ତ୍ରୈତ ସିଦ୍ଧାନ୍ତ** କହୁଛୁ । ଶରୀର ଧାରଣ କରିଥିବା ପ୍ରତ୍ୟେକ ମଣିଷ, ମୁଣ୍ଡ ଥିବା ପ୍ରତ୍ୟେକ ମତାବଲମ୍ବୀ ଏହି ତ୍ରୈତସିଦ୍ଧାନ୍ତକୁ ନିହାତି ଜାଣିବା ଆବଶ୍ୟକ ।

ଈଶ୍ୱର ବିଶ୍ୱରେ ତିନି ଆତ୍ମା ଭାବରେ ବିଭାଜିତ ହୋଇ ରହିଛନ୍ତି । ତିନି ଆତ୍ମା ଭାବରେ ଥିବା ଈଶ୍ୱର ଆକାଶରେ ତିନି ଗୋଲ ଭାବରେ ଦେଖାଯାଉଛନ୍ତି । **ଈଶ୍ୱର ତାଙ୍କ ଅସ୍ତିତ୍ୱକୁ ଦର୍ଶାଇବା ନିମନ୍ତେ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରର ସ୍ଥିତିକୁ ପରିକଳ୍ପନା କରିଛନ୍ତି । ତନ୍ମଧ୍ୟରୁ ସୂର୍ଯ୍ୟକୁ ଜୀବାତ୍ମା ଭାବେ, ଚନ୍ଦ୍ରକୁ ଆତ୍ମା ଭାବେ, ନକ୍ଷତ୍ରକୁ ପରମାତ୍ମା ଭାବେ ତୁଳନା କରି କହିପାରିବା** । ମତାତୀତ ଭାବରେ ପ୍ରତ୍ୟେକ ଶରୀରରେ ତିନିଗୋଟି ଆତ୍ମା ରହିଥାନ୍ତି । **ଦୁନିଆରେ ତିନି ଆତ୍ମା ନଥିବା ମଣିଷ, ଜନ୍ତୁ,ପକ୍ଷୀ, କ୍ଷୁଦ୍ର କୀଟପତଙ୍ଗ କିମ୍ବା କୌଣସି ଜୀବରାଶି ନଥାନ୍ତି । ଏହି ତିନିଆତ୍ମା ବିଷୟ ଅତି ନିଗୁଢ ରହସ୍ୟ ହୋଇ ରହିଛି** । ଏହି

ରହସ୍ୟକୁ ଜାଣିବା ପାଇଁ ଆଧାର ଭାବରେ ରହିଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରର ବିଶେଷତା ପ୍ରତିପାଦନ କରିବା ନିମନ୍ତେ, ସପ୍ତାହର ପ୍ରଥମ ତିନିଗୋଟି ଦିବସକୁ ଏହି ତିନିଗୋଳ ନାମରେ ଜ୍ଞାନୀମାନେ ନାମିତ କରିଥିଲେ । ସପ୍ତାହ ଆରମ୍ଭ ହେଉଥିବା ପ୍ରଥମ ଦିନଟିକୁ ସୂର୍ଯ୍ୟଙ୍କ ନାମ ଅନୁସାରେ ଆଦିବାର (ଆଦ୍ୟବାର ବା ରବିବାର), ଦ୍ୱିତୀୟ ଦିନଟିକୁ ଚନ୍ଦ୍ରର ନାମ ଅନୁଯାୟୀ ସୋମବାର, ସେହିଭଳି ତୃତୀୟ ଦିନକୁ ନକ୍ଷତ୍ର ନାମାନୁଯାୟୀ ମଙ୍ଗଳବାର ନାମିତ କରିଥିଲେ । ସୂର୍ଯ୍ୟଙ୍କୁ ଆଦିତ୍ୟ କୁହାଯାଏ, ତାଛଡା ଆଦିର ଅର୍ଥ ପ୍ରଥମ ତେଣୁ ତାହା ପ୍ରଥମ ଦିନ ହୋଇଥିବାରୁ, ତାହାକୁ ଆଦି ବାର କହିପାରିବା କିମ୍ବା ସୂର୍ଯ୍ୟଙ୍କ ଅନ୍ୟ ନାମ ରବି ହୋଇଥିବାରୁ ରବିବାର କହିପାରିବା । ଚନ୍ଦ୍ରଙ୍କୁ ସୋମ କହନ୍ତି, ତେଣୁ ଚନ୍ଦ୍ରଙ୍କ ଦିବସକୁ ସୋମବାର ତଥା ନକ୍ଷତ୍ରଙ୍କୁ ମଙ୍ଗଳ କୁହାଯାଉଥିବାରୁ ତଦନୁଯାୟୀ ମଙ୍ଗଳବାର ବୋଲି ବଡମାନେ ନାମିତ କରିଥିଲେ ।

ପ୍ରତ୍ୟେକ ଶରୀରର ଜୀବାତ୍ମା ଅଜ୍ଞାନ ସମ୍ବନ୍ଧୀତ ହୋଇଥିବା ସ୍ଥଳେ, ଆତ୍ମା ଜ୍ଞାନ ସମ୍ବନ୍ଧୀୟ ହୋଇ, ପରମାତ୍ମା ମୋକ୍ଷ ସମ୍ବନ୍ଧୀୟ ହୋଇ ଥା'ନ୍ତି । ତେଣୁ ସୂର୍ଯ୍ୟଦିବସ ରବିବାରକୁ ଅଜ୍ଞାନ ଜୀବାତ୍ମାର ଜନ୍ମଦିବସ,ଚନ୍ଦ୍ରଦିବସ ସୋମବାରକୁ ଆତ୍ମଜ୍ଞାନର ଜନ୍ମଦିବସ, ନକ୍ଷତ୍ର ପାଇଁ ସୂଚିତ କରାଯାଇଥିବା ମଙ୍ଗଳବାରକୁ ମୋକ୍ଷଦିବସ ଭାବେ କହିପାରିବା । ଆଉଟିକିଏ ବିସ୍ତୃତ ଭାବରେ କହିବାକୁ ଗଲେ ଈଶ୍ୱର ହିଁ ଜୀବଜଗତ ପାଇଁ ସମଗ୍ର ବିଶ୍ୱ ସର୍ଜନା କରିଛନ୍ତି । ତେଣୁ ସେହି ସର୍ଜନା ଦିନକୁ ଆଦ୍ୟ ଦିବସ କୁହାଯାଏ । "ଆଦି" କହିଲେ ପ୍ରଥମ । ଜୀବାତ୍ମା, ଆତ୍ମା, ପରମାତ୍ମାଙ୍କ ଭିତରୁ ପ୍ରଥମ ପାତ୍ର ହୋଇଥିବା ଜୀବାତ୍ମାର ସୃଷ୍ଟି ଦିବସକୁ ସେହି ଦୃଷ୍ଟିରୁ ଆଦିବାର କହୁଛୁ । ଏସବୁ ମାନବ ସମ୍ବନ୍ଧୀୟ ବିଷୟ ବୋଲି ଆଗରୁ ଜଣାଇଛୁ, ସେହି ଅନୁସାରେ ଆଜି ମଣିଷ ଦୁନିଆର କୌଣସି ସ୍ଥାନରେ ନିବାସ କଲେ ମଧ୍ୟ ସେ ସେଠାରେ ନିଜ ପାଇଁ ତିଆରି କରିଥିବା ଦିବସ ଗୁଡିକର ପ୍ରଥମ କ୍ରମରୁ

ୀୟ କ୍ରମଯାଏଁ ଏହିଭଳି ରବି, ସୋମ, ମଙ୍ଗଳ ଭାବରେ ରହିଥାଏ । ଏହି ତିନି ଦିବସର ନାମ ବିଶ୍ୱବ୍ୟାପ୍ତ ହୋଇ ରହିଥିବାରୁ ସମସ୍ତେ ଏହି ତିନି ଦିବସରୁ ହିଁ ତ୍ରୈତ କୁହାଯାଉଥିବା ତିନି ଆତ୍ମା ବାବଦରେ ଜାଣିବା ଉଚିତ୍ । ହେଲେ ଏ ପର୍ଯ୍ୟନ୍ତ ସ୍ୱଦେଶ ହୋଇଥିବା ଭାରତରେ କିମ୍ବା ଅନ୍ୟାନ୍ୟ ୧ ୯ ୪ ଗୋଟି ଥିବା ଦେଶରେ ମଧ୍ୟ ତିନି ଆତ୍ମାର ବିବରଣ କାହାକୁ ଜଣାନାହିଁ । ଅନ୍ୟାନ୍ୟ ଦେଶଗୁଡିକୁ ଛାଡି କେବଳ ଆମ ଭାରତର ଇତିହାସ ଖୋଲି ଦେଖିଲେ, ପୂର୍ବେ ଅନ୍ୟ ଦେଶଗୁଡିକ ଅପେକ୍ଷା ଆମ ଦେଶ ଆତ୍ମଜ୍ଞାନରେ ଅଗ୍ରଣୀ ଥିଲା । ଚନ୍ଦ୍ର ଆତ୍ମଜ୍ଞାନର ସୂଚକ ତେଣୁ ଦିବସ ଗୁଡିକର ଦ୍ୱିତୀୟ କ୍ରମରେ ଚନ୍ଦ୍ରଙ୍କୁ ରଖାଯାଇ,ଦ୍ୱିତୀୟ ଦିବସକୁ ସୋମବାର କୁହାଯାଇଛି । ସୋମବାରକୁ "ଇନ୍ଦୁବାର" ବୋଲି ମଧ୍ୟ ଦିନେ କହୁଥିଲେ । କାରଣ ! ଚନ୍ଦ୍ରର ଅନ୍ୟ ନାମ ହେଉଛି "ଇନ୍ଦୁ" । ତେଣୁ ଇନ୍ଦୁ କହିଲେ ଜ୍ଞାନ ବୋଲି ସହଜରେ ବୁଝାପଡିଯାଏ । ସେହି ଅନୁସାରେ ଇନ୍ଦୁ କହିଲେ ଜ୍ଞାନ "ମତି" କହିଲେ ବୁଦ୍ଧି, "ଇନ୍ଦୁମତି" କହିଲେ ଜ୍ଞାନଯୁକ୍ତ ବୁଦ୍ଧି । ଏହିଭଳି ଇନ୍ଦୁମତି ନାମଟି ଆମ ଦେଶରେ ଅନେକ ଲୋକ ସେମାନଙ୍କର ସନ୍ତତିମାନଙ୍କର ରଖୁଥିଲେ । ପୂର୍ବେ ଇତର ଦେଶଗୁଡିକ ଅପେକ୍ଷା ଆମ ଦେଶରେ ଅଧିକ ଆତ୍ମଜ୍ଞାନ ଜଣାଥିବା ଲୋକମାନେ ବାସ କରୁଥିବାରୁ ଭାରତକୁ ଇନ୍ଦୁଦେଶ କୁହାଯାଉଥିଲା । ଦିନେ ଇନ୍ଦୁଦେଶ ନାମରେ ପରିଗଣିତ ହୋଇଥିବା ଆମ ଦେଶ ଆଜି ଆତ୍ମଜ୍ଞାନହୀନ ହୋଇ ହିନ୍ଦୁଦେଶ ଭାବେ ବଳିଯାଇଛି । "ଇନ୍ଦୁ" ନାମକ ଶବ୍ଦର ଅର୍ଥ ଅଛି ସିନା "ହିନ୍ଦୁ" ନାମକ ଶବ୍ଦର ଅର୍ଥ ନାହିଁ । କୌଣସି ଅର୍ଥ ନଥିବା "ହିନ୍ଦୁଦେଶ" ଆମ ଦେଶର ନାମ ନୁହେଁ । ଆମ ଦେଶର ନାମ ଅର୍ଥ ଥିବା "ଇନ୍ଦୁଦେଶ" ବୋଲି କହିଲେ ମଧ୍ୟ ବୁଝିପାରୁ ନଥିବା ଅଜ୍ଞାନୀମାନେ ସତ୍ୟ କହୁଥିବା ପାତ୍ର ଉପରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ଅନନ୍ତପୁର ଜିଲ୍ଲାର ଗୁନ୍ତକଲ୍ ବ୍ଲକ୍‌ରେ ମତଭକ୍ତି ଛଡା ଦୈବଭକ୍ତି ନଥିବା ହିନ୍ଦୁମତର ନାୟକମାନେ ଯଦିଓ ଏଇଭଳି ମନ୍ଦକାର୍ଯ୍ୟ କରିବାକୁ ଆଗେଇ ଆସିଥିଲେ କଣ ଏହା ଆଶ୍ଚର୍ଯ୍ୟ କଥା ନୁହେଁ !

ଇନ୍ଦୁଦେଶ ଆଜି ହିନ୍ଦୁଦେଶ ହୋଇଯାଇଥିଲେ ମଧ୍ୟ ସେଦିନରୁ ଏଯାବତ ଭାରତ ଇନ୍ଦୁଦେଶ ହୋଇ ରହିଛି । କାରଣ ! ଆଜି ମଧ୍ୟ ତିନି ଆତ୍ମା ବିଶିଷ୍ଟ ତ୍ରୈତ ବାବଦରେ, ତିନିଗୋଟି ଦିବସ ହୋଇଥିବା ରବି, ସୋମ, ମଙ୍ଗଳ ବାରଗୁଡିକର ବିଶେଷତା ବାବଦରେ ଏଇ ଭାରତର ଲୋକମାନେ ଜଣାଇଥାନ୍ତି । ଆଜି ମଧ୍ୟ ଇନ୍ଦୁଦେଶ ହୋଇଥିବା ଭାରତରୁ ଆତ୍ମଜ୍ଞାନ ବହିର୍ଗତ ହୋଇ ଅନ୍ୟ ଦେଶଗୁଡିକୁ ବ୍ୟାପିଥାଏ । ଆଜି ମଧ୍ୟ ଇନ୍ଦୁ ଜ୍ଞାନ ବିଶ୍ୱବ୍ୟାପ୍ତ ହୋଇ ରହିଛି ବୋଲି କହିବାପାଇଁ ବଡ ପ୍ରମାଣଟିଏ ରହିଛି । ତାହା ହେଉଛି ! ଆଦି ବା ରବି, ସୋମ, ମଙ୍ଗଳ ନାମକ ତିନିଗୋଟି ଦିବସର ନାମ ପ୍ରତ୍ୟେକ ଦେଶରେ ରହିଛି । ତାଛଡା ସପ୍ତାହ କହିଲେ ସାତଦିନ, ଏକମାସ କହିଲେ ୩୦ ଦିନ ବୋଲି ଆମରି ଇନ୍ଦୁ ପରମ୍ପରା ଅନୁସାରେ ରହିଛି । ସବୁଠାରୁ ମୁଖ୍ୟକଥା ହେଲା ! ଆମେରିକା ହେଉ ବା ଅନ୍ଧ୍ରପ୍ରଦେଶ ହେଉ ପ୍ରଥମ ଦିନ ହୋଇଥିବା ସୂର୍ଯ୍ୟଙ୍କ ଦିନକୁ ସୂର୍ଯ୍ୟଙ୍କ ନାମ ଅନୁସାରେ (SUN), ଦ୍ୱିତୀୟ ଦିନ ହୋଇଥିବା ଚନ୍ଦ୍ରଙ୍କ ଦିନକୁ ଚନ୍ଦ୍ରଙ୍କ ନାମ ଅନୁସାରେ (MON) କୁହାଯାଉଛି । ପ୍ରଥମ ଦିନ କୁହାଯାଉଥିବା ସୂର୍ଯ୍ୟଙ୍କ ଦିନକୁ ଇଂଗ୍ଲିସ୍ ଭାଷାରେ (SUN DAY), ଦ୍ୱିତୀୟ ଦିନ ହୋଇଥିବା ଚନ୍ଦ୍ରଙ୍କ ଦିନକୁ (MON DAY) ଭାବରେ ପ୍ରତ୍ୟେକ ବିଦେଶୀ କ୍ୟାଲେଣ୍ଡରରେ ଦେଖିବାକୁ ମିଳିଥାଏ । ଏଠାରେ ଛୋଟ ଭୁଲ୍‌ଟିଏ ହେଉଛି ! ଯେଉଁମାନେ ରବିବାରକୁ ସଣ୍ଡେ ବୋଲି ଲେଖିଛନ୍ତି ସେହିମାନେ ହିଁ ଦ୍ୱିତୀୟ ଦିନକୁ ମନଡେ ବୋଲି ଲେଖିଛନ୍ତି । ଏହାକୁ ଅନୁଧ୍ୟାନକଲେ (MON DAY) ରହିଥିବା ସ୍ଥାନରେ (MOON DAY) ରହିବା ଉଚିତ୍ ଥିଲା । କାଳକ୍ରମେ ଏହି ଟିକିଏ ପରିବର୍ତ୍ତନ ହୋଇଛି ସିନା ପୂର୍ବେ SUNDAY ଭଳି ଦ୍ୱିତୀୟ ଦିନକୁ MOON DAY କୁହାଯାଉଥିଲା । ମଣ୍ଡେରେ ରହିଥିବା ଦୁଇଗୋଟି OO ଭିତରୁ ଗୋଟିଏ ନିଖୋଜ ହୋଇ କେବଳ ଗୋଟିଏ ରହିଯାଇ MONDAY ହୋଇଯାଇଛି ।

ଏହା  କାଳକ୍ରମେ ଆସିଥିବା ପରିବର୍ତ୍ତନ ବୋଲି ଜାଣିବା ଉଚିତ୍ । ଭାରତୀୟ ଭାଷା ହୋଇଥିବା ତେଲୁଗୁ, ଓଡିଆ ଇତ୍ୟାଦି ଭାଷାରେ ଉକ୍ତ ତିନି ଦିବସର ନାମରେ କୌଣସି ବଦଳାବ ନଆସି ତାହା ଯଥାବିଧ ଅକ୍ଷୁର୍ଣ୍ଣ ରହିଛି ।

ଚନ୍ଦ୍ର  ଭୂପୃଷ୍ଠର ନିକଟରେ ଥିଲେ ମଧ୍ୟ, ସୂର୍ଯ୍ୟ  ଚନ୍ଦ୍ରଙ୍କ  ଅପେକ୍ଷା ଦୂରରେ ଥିଲେ ମଧ୍ୟ ସପ୍ତାହର  ସାତଗୋଟି  ଦିବସରୁ ପ୍ରଥମେ ସୂର୍ଯ୍ୟଙ୍କ ଦିବସ ହୋଇଥିବା ପ୍ରଥମ ଦିବସକୁ ରବିବାର (SUNDAY) ଭାବରେ ରଖି, ଦ୍ୱିତୀୟ ଦିବସକୁ  ସୋମବାର (MONDAY) କହିବାରେ କି ଅନ୍ତରାର୍ଥ ଥାଇପାରେ ? ତାଛଡା ଦୂରତ୍ୱକୁ ଆଧାର କରି ପ୍ରଥମରୁ ସୋମବାରକୁ ରଖି ତାପରେ ରବିବାର ରଖିବା  ଉଚିତ୍ ବୋଧହେଉଛି ! ବୋଲି  କେତେକ ପଚ୍ଚରି ପାରନ୍ତି । ତାର ସମାଧାନ  ହେଉଛି !  ପୂର୍ବ ଫର୍ଦ୍ଦରେ ଦୀପ୍ତି ବା ଆଲୋକ  ଅନୁସାରେ ସୂର୍ଯ୍ୟଙ୍କୁ ପ୍ରଥମ,ଚନ୍ଦ୍ରଙ୍କୁ ଦ୍ୱିତୀୟ, ନକ୍ଷତ୍ରଙ୍କୁ ତୃତୀୟରେ ସ୍ଥାନ ନେଇ ସେମାନଙ୍କର ସମତୁଳିତ ଭାବରେ ସୂର୍ଯ୍ୟଙ୍କୁ ଜୀବାତ୍ମା ଭାବରେ, ଚନ୍ଦ୍ରଙ୍କୁ ଆତ୍ମା ଭାବରେ, ନକ୍ଷତ୍ରଙ୍କୁ ପରମାତ୍ମା ଭାବରେ କୁହାଯାଇଛି ବୋଲି ଜାଣିଥିଲେ । ଦୂରତ୍ୱକୁ ଦୃଷ୍ଟିଦେଲେ ଚନ୍ଦ୍ର ନିକଟରେ ଥିଲେ  ମଧ୍ୟ ସପ୍ତାହ ଭିତରେ ସୂର୍ଯ୍ୟଙ୍କୁ ପ୍ରଥମରେ ରଖି ରବିବାରକୁ ପ୍ରଥମ ଦିନ  ଭାବରେ ରଖାଇବାରେ ଏକ ଆଧ୍ୟାତ୍ମିକ କାରଣ ରହିଛି । ତାହା ହେଲା ! ଚନ୍ଦ୍ର ପୃଥିବୀର ନିକଟରେ ଥିବା ଭଳି, ଶରୀରରେ ମଧ୍ୟ ଚନ୍ଦ୍ରଙ୍କ ସମାନ ରହିଥିବା ଆତ୍ମା ସାରା ଶରୀରରେ ବ୍ୟାପିରହି, ବାହ୍ୟତଃ  ଥିବା ଚର୍ମଠାରୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ରହିଥିଲେ ମଧ୍ୟ, ବାହାରେ ମଣିଷର ନିକଟରେ ରହିବା ଭଳି ଥିଲେ ମଧ୍ୟ, ଶରୀରର ବାହ୍ୟ ଅବୟବ ପର୍ଯ୍ୟନ୍ତ ବ୍ୟାପିରହି ପ୍ରତ୍ୟେକ ଅବୟବକୁ ଚୈତନ୍ୟ ଦେଇ କାର୍ଯ୍ୟ କରାଉଥିଲେ ମଧ୍ୟ ଆତ୍ମାଙ୍କୁ କେହି ନିକଟରେ ଚିହ୍ନିପାରି ନାହାନ୍ତି । ଆତ୍ମା ଶରୀରର ବାହ୍ୟ ଅବୟବଗୁଡିକ ପର୍ଯ୍ୟନ୍ତ ବ୍ୟାପିରହି ଶରୀରକୁ କାର୍ଯ୍ୟକ୍ଷମ କରନ୍ତି ବୋଲି କେହି ଜଣେ ମଧ୍ୟ ଭାବି ନାହାନ୍ତି । ପୃଥିବୀଠାରୁ ସୂର୍ଯ୍ୟ ଦୂରରେ ଥିବା ଭଳି

ଶରୀରରେ ମଧ୍ୟ ସୂର୍ଯ୍ୟଙ୍କ ସମାନ ସାଦୃଶ୍ୟ ଥିବା ଜୀବ ବାହ୍ୟ ଦୁନିଆଠାରୁ ଖୁବ୍ ଦୂରରେ ଥିବା ଶରୀର ଭିତରେ ନିବାସ କରିଥାଏ । ମୁଣ୍ଡରେ କପାଳ ଭାଗ ଭିତରେ ଥିବା ଗୁଣଚକ୍ରରେ ଛନ୍ଦି ହୋଇ ରହିଥିବା ଜୀବ ବାହ୍ୟ ଅବୟବ ଗୁଡିକ ସହିତ ସମ୍ପର୍କୀତ ନ ହୋଇ ଦୂରରେ ଥିଲେ ମଧ୍ୟ, ଜୀବ କୌଣସି ଅବୟବକୁ କାର୍ଯ୍ୟକ୍ଷମ କରି ନପାରିଲେ ମଧ୍ୟ, ସେ ହିଁ ସବୁକିଛି କରୁଛି ଏବଂ ସେ ହିଁ ସାରା ଶରୀର ବୋଲି ଭାବିଥାଏ । ପ୍ରତ୍ୟେକ ଜୀବ ଏ ଶରୀର ହିଁ ମୁଁ, ମୁଁ ହିଁ ଏହି ଶରୀର ବୋଲି ଭାବ ନେଇ ରହିବା ଦ୍ୱାରା ଦୂରରେ ଥିବା ସୂର୍ଯ୍ୟଙ୍କୁ ପ୍ରଥମ ଦିବସ ଭାବରେ ରଖି, ପାଖରେ ଥିବା ଚନ୍ଦ୍ରଙ୍କୁ ଦ୍ୱିତୀୟ ଦିବସ ଭାବରେ ନିଆଯାଇଛି । ଦୂରତା କ୍ରମେ ଭିତରେ ଥିବା ଆତ୍ମାଙ୍କୁ କିମ୍ବା ବାହାରେ ଥିବା ଚନ୍ଦ୍ରଙ୍କୁ ନନେଇ ବାହ୍ୟତଃ ଥିବା ଆଲୋକ ଅନୁସାରେ, ଅନ୍ତର୍ଗତ ଭାବାନୁସାରେ ପ୍ରଥମେ ରବିବାରକୁ ରଖି ତାପରେ ସୋମବାରକୁ ରଖାଯାଇଛି । ଏହାକୁ କେହି ଅସ୍ୱୀକାର କରି ପାରିବେ ? ବାହ୍ୟତଃ ଆଲୋକ ଅନୁସାରେ, ଅନ୍ତର୍ଗତ ଭାବ ଅନୁସାରେ ପୂର୍ବର ମହାପୁରୁଷମାନେ ନିର୍ଣ୍ଣୟ କରିଥିବା ଦିବସ ହେଉଛି ଏଇ ରବି, ସୋମ, ମଙ୍ଗଳ ନାମକ ତିନି ଦିବସ । ଏହା ସାରା ଦୁନିଆରେ ଆଜି ମଧ୍ୟ ପ୍ରଚଳିତ ଥିବାରୁ କେହି ଏହାକୁ ଖଣ୍ଡନ କରିପାରିବେ ନାହିଁ । ଆଜି ଅତିଛୋଟ ବୋଧ ହେଉଥିବା ଇନ୍ଦୁ ସଂସ୍କୃତି ପୂର୍ବେ ବିଶ୍ୱବ୍ୟାପ୍ତ ଥିଲା ବୋଲି ଆଜି ସନ୍‌ଡେ (ରବିବାର) ନାମକ ଦିବସର ନାମ ଥିବା କାରଣରୁ ଜଣାଯାଉଛି ।

ସନ୍‌ଡେ (ରବିବାର ବା ଆଦ୍ୟ ବାର) ବିତିଯିବା ପରେ ମୁନ୍‌ଡେ (ସୋମବାର), ତାପରେ ଷ୍ଟାର୍‌ଡେ (ମଙ୍ଗଳବାର) ଆସିଥାଏ, କିନ୍ତୁ ତୃତୀୟ ଦିବସକୁ ଏଭଳି ଷ୍ଟାର୍‌ଡେ ନକହି ଟ୍ୟୁଜ୍‌ଡେ କୁହାଯାଉଛି । ଇଂଗ୍ଲିସ୍ ଭାଷାରେ ଟ୍ୟୁଜ୍‌ଡେ କହିଲେ ନାଲି ରଙ୍ଗର ଗ୍ରହ ବା ମଙ୍ଗଳ ଗ୍ରହ । ଏହା ଇଂଗ୍ଲିସ୍ ଭାଷାରେ ତୃତୀୟ ଦିବସର ନାମ ଥିବାବେଳେ, ଭାରତୀୟ

ଭାଷା ହୋଇଥିବା ତେଲୁଗୁ ଭାଷାରେ, ଓଡିଆ ଭାଷାରେ ନକ୍ଷତ୍ରର ନାମ ରହିଥାଏ । ନକ୍ଷତ୍ରର ଭାବ ଅନୁଯାୟୀ ଏହାକୁ ଏକ ଶୁଭଙ୍କରୀ ଦିବସ ବା ମଙ୍ଗଳମୟ ବାର ବୋଲି କୁହାଯାଉଛି । ଇନ୍ଦୁଦେଶ ହୋଇଥିବା ଭାରତରେ ଆମ୍ଭଙ୍କାନକୁ ଅନୁସରଣ କରି ପ୍ରଥମରେ ଥିବା ତିନିଗୋଟି ନାମ ତିନି ଦିନ ଭାବରେ ଥିବାବେଳେ, ବିଦେଶରେ ଆମ ଇନ୍ଦୁ ସଂସ୍କୃତିର ଛାଇ ପଡିଥିବା ଭଳି ପ୍ରଥମରେ ଥିବା ଦୁଇଟି ଦିବସର ନାମକୁ ସୂର୍ଯ୍ୟ, ଚନ୍ଦ୍ରଙ୍କ ନାମରେ କୁହାଯାଇଥାଏ ।

ଷଡଶାସ୍ତ୍ର ଭିତରେ ରହିଥିବା ଷଷ୍ଠତମ ବ୍ରହ୍ମବିଦ୍ୟା ଶାସ୍ତ୍ର ଅର୍ଥାତ୍ ଭଗବଦ୍ଗୀତାରେ ଥିବା ବିଶ୍ୱରୂପ ସନ୍ଦର୍ଶନ ଯୋଗର ୩୨ତମ ଶ୍ଳୋକରେ **"କାଲୋସ୍ମି"** ନାମକ ଶବ୍ଦକୁ ସ୍ୱୟଂ ଈଶ୍ୱର ହିଁ ବ୍ୟବହାର କରି କହିଛନ୍ତି । କାଲୋସ୍ମି କହିଲେ **ମୁଁ ହିଁ କାଳ** । ଏହି ଅନୁସାରେ ଈଶ୍ୱର ଦେଖାଯାଉନଥିବା କାଳସ୍ୱରୂପ ହୋଇ ରହିଛନ୍ତି ବୋଲି ଜଣାଯାଉଛି । ଦେଖାଯାଉନଥିବା କାଳ ଆମରି ଆଗରେ କ୍ଷଣ କ୍ଷଣ ହୋଇ ବିତିଯାଉଛି ସିନା, କାଳ କଣ କେହି ଦେଖିନାହାନ୍ତି । ତାଛଡା କାଳ ଆମରି ଆଗରେ ଦିନ ଭାବରେ, ମାସ ଭାବରେ, ବର୍ଷ ଭାବରେ ବିତିଯାଉଥିଲେ ମଧ୍ୟ ତାହା ଦେଖାଯାଉ ନଥିବାରୁ ଈଶ୍ୱର କାହାକୁ ଦେଖାଯାଆନ୍ତି ନାହିଁ, କାହାକୁ ଜଣାପଡନ୍ତି ନାହିଁ ବୋଲି କହିପାରିବା । ଦେଖାଯାଉ ନଥିବା ଅଭୌତିକ କାଳକୁ ଭୌତକ ଗଣିତରେ ଦିନ, ମାସ, ବର୍ଷ ଭାବରେ ଆମେ ହିସାବ କରୁଛେ । ଅଗମ୍ୟ, ଅଭୌତିକ ଆକାଶରେ ଥିବା ଭୌତିକ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଯେଉଁଭଳି ତ୍ରୈତ ଭାବରେ ଦେଖାଯାଆନ୍ତି, ସେହିଭଳି ଅଭୌତିକ କାଳ ମଧ୍ୟ ଦିନ, ମାସ, ବର୍ଷ ଭାବରେ ତ୍ରୈତ ହୋଇ ରହିଛି ବୋଲି ଜଣାଯାଉଛି । ତାଛଡା ଆଉ ଏକ ଦିଗରୁ ଦେଖିଲେ ସୃଷ୍ଟିକର୍ତ୍ତା ହୋଇଥିବା ଅଦୃଶ୍ୟ ପରମାତ୍ମା ଅଣ୍ଡଜ, ପିଣ୍ଡଜ, ଉଦ୍ଭିଜ ନାମକ ଦେଖାଯାଉଥିବା ତିନି ପ୍ରକାରର ଜୀବରାଶି ଭିତରେ ତ୍ରୈତ ହୋଇ ରହିଛନ୍ତି ।

୧) ଜଣାଯାଉନଥିବା ଆକାଶ ଗୋଟିଏ ହୋଇ ଥିବାବେଳେ ଜଣାଯାଉଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ମଧ୍ୟ ତିନିଗୋଟି (ତ୍ରୈତ) ରହିଥାଏ ।

୨) ଜଣାଯାଉ ନଥିବା କାଳ ଗୋଟିଏ ହୋଇ ଥିବାବେଳେ, ଜଣାଯାଉଥିବା ଦିନ, ମାସ, ବର୍ଷ ମଧ୍ୟ ୩ଗୋଟି (ତ୍ରୈତ) ଥାଏ ।

୩) ଜଣାଯାଉ ନଥିବା ପରମାତ୍ମା ଗୋଟିଏ ହୋଇ ଥିବାବେଳେ ଜଣାଯାଉଥିବା ଅଣ୍ଡଜ, ପିଣ୍ଡଜ, ଉଦ୍ଭିଜ ମଧ୍ୟ ତିନିଗୋଟି (ତ୍ରୈତ) ରହିଥାଏ ।

ଏହି ତିନି ବିଷୟରୁ ପ୍ରଥମ ବିଷୟ ହୋଇଥିବା ସୂର୍ଯ୍ୟଚନ୍ଦ୍ରାଦିଙ୍କ ବିଷୟକୁ ଜାଣିଲେ । **ଗ୍ରହ ହୋଇଥିବା ସୂର୍ଯ୍ୟଚନ୍ଦ୍ରାଦିଙ୍କ ଗତିବିଧିକୁ ଜଣାଇଥାଏ ଦିନ, ମାସ, ବର୍ଷ । ଏହି ଦିନ, ମାସ, ବର୍ଷ କାଳର ଗୋଟିଏ ଗୋଟିଏ ଭାଗ ବୋଲି ମଧ୍ୟ ଆମେ ଜାଣିଛେ । ଈଶ୍ୱର କାଳ ସ୍ୱରୂପ, ଈଶ୍ୱରଙ୍କର ୧୦୮ କୋଟି ବର୍ଷ ଦିବସ ଭାବରେ ନିର୍ଣ୍ଣୟ ହୋଇ ରହିଛି । ଏହି ବିଷୟ ଷଷ୍ଠତମ ଶାସ୍ତ୍ରରେ ଥିବା ଅକ୍ଷର ପରବ୍ରହ୍ମ ଯୋଗର ୧୭ତମ ଶ୍ଳୋକରେ କୁହାଯାଇଛି, ସେହି ଶ୍ଳୋକର ପରିଶୀଳନ ଦ୍ୱାରା ଏହି ବିଷୟ ବୁଝିହୁଏ । ଶ୍ଳୋକରେ ଏକ ହଜାର ଯୁଗ ଈଶ୍ୱରଙ୍କର (ପରମାତ୍ମାଙ୍କର) ଗୋଟିଏ ଦିନ ବୋଲି କୁହାଯାଇଛି । ଯୁଗ ମୋଟ ଚାରିଗୋଟି ରହିଥିବାରୁ ସେହି ଚାରିଗୋଟି ଯୁଗକୁ ୨୫୦ଥର ହିସାବ କରି ଦେଖିଲେ, ତାଙ୍କର ଗୋଟିଏ ଦିନ କହିଲେ କେତେ ବର୍ଷ ବୋଲି ଜଣାପଡିଯିବ । ହିସାବକଲେ ଏହି ହିସାବରୁ ଈଶ୍ୱରଙ୍କର ଏକ ଦିବସକାଳ ହିଁ ପ୍ରଞ୍ଚର ଆୟୁଷ ବୋଲି ଜଣାଯାଉଛି ।**

| | | |
|---|---|---|
| **କଳିଯୁଗ** | **୪,୩୨,୦୦୦** | **ବର୍ଷ** |
| **ଦ୍ୱାପରଯୁଗ** | **୮,୬୪,୦୦୦** | **ବର୍ଷ** |
| **ତ୍ରେତାଯୁଗ** | **୧୨,୯୬,୦୦୦** | **ବର୍ଷ** |
| **କୃତଯୁଗ (ସତ୍ୟଯୁଗ)** | **୧୭,୨୮,୦୦୦** | **ବର୍ଷ** |

ଏହିଭଳି ଚାରିଯୁଗ ମିଶି ୪୩,୨୦,୦୦୦ ବର୍ଷ ହେବାବେଳେ, ଏକ ହଜାର ଯୁଗରେ ମୋଟ ୧୦୮ କୋଟି ବର୍ଷ ହୋଇଥାଏ । ୧୦୮ କୋଟି ବର୍ଷ, କାଳ ହିସାବରେ (ଈଶ୍ୱରଙ୍କ ହିସାବରେ) ଗୋଟିଏ ଦିବସ ଭାବରେ ହିସାବ କରାଯାଉଛି । ଈଶ୍ୱରଙ୍କ ଦିବସ କାଳକୁ ହିଁ କେବଳ ପ୍ରପଞ୍ଚର ଆୟୁଷ ବୋଲି କୁହାଯାଇଛି । ଷଷ୍ଟତମ ଶାସ୍ତ୍ରରେ ଆବଦ୍ଧ ହୋଇ ରହିଥିବା ପ୍ରପଞ୍ଚର (ପଞ୍ଚଭୂତ ବା ପ୍ରକୃତି) ଆୟୁଷକୁ ସମସ୍ତେ ଜାଣିପାରିବା ଭଳି ସେହି ୧୦୮ ସଂଖ୍ୟାକୁ ଆମେ ଅନେକ ସନ୍ଦର୍ଭରେ ବ୍ୟବହାର କରି ଆସୁଛେ । ୧୦୮ ସଂଖ୍ୟା ଏହି ସୃଷ୍ଟି ରହିବା କାଳକୁ ସୂଚିତ କରିଥାଏ । ତେଣୁ ସେହି ସଂଖ୍ୟାକୁ ସମସ୍ତେ ଜାଣିବା ପାଇଁ ପ୍ରତ୍ୟେକ ମତରେ ଥିବା ଜପମାଳାର ମାଳି ସଂଖ୍ୟା ୧୦୮ ଗୋଟି ରଖାଯାଇଛି । ପ୍ରତ୍ୟେକ ମଣିଷଠାରେ ଗୁଣସଂଖ୍ୟା ୧୦୮ ଗୋଟି ରହିବା ଭଳି କରିଥିବା ଈଶ୍ୱର ୧୦୮ ଗୁଣ ଥିବା ଜୀବରାଶିଙ୍କୁ ସୃଷ୍ଟିକରି ୧୦୮କୋଟି ବର୍ଷ ବଞ୍ଚିରହିବା ଭଳି କରିଛନ୍ତି । ୧୦୮କୋଟି ବର୍ଷ ପରେ ପ୍ରଳୟ ସୃଷ୍ଟିହେବ, ରହିଥିବା ସବୁକିଛି ବିନାଶ ହୋଇଯିବ । ତେଣୁ ପ୍ରପଞ୍ଚର ଆୟୁଷକୁ କେହି ଭୁଲିଯିବା ଉଚିତ୍ ନୁହେଁ ବୋଲି ଜପମାଳାର ମାଳିରେ ୧୦୮ ଗୋଟି ମାଳି ରଖାଇବା ସହିତ, ଦାନ ଦେବା ବେଳେ ୧୦୮ ସଂଖ୍ୟା ରହିବା ଭଳି, ପୂଜାରେ, ପ୍ରଦ-କ୍ଷଣରେ ମଧ୍ୟ ୧୦୮ ସଂଖ୍ୟାକୁ ଧ୍ୟାନଦେବା ଭଳି କରାଇଥିଲେ । ପୂଜାରେ ୧୦୮ ପତ୍ର କିମ୍ବା ଫୁଲ ଦେବାରେ,ମନ୍ତ୍ର ଜପରେ, ବିବାହ ସମୟରେ ଦିଆଯାଉଥିବା ଉପହାରରେ ମଧ୍ୟ ୧୦୮

ସଂଖ୍ୟାକୁ କେହି ଭୁଲିନଯିବା ଭଳି ବ୍ୟବହାର ରଖାଇଥିଲେ । ଏହିଭଳି ଆମରି ପୂର୍ବ ଜ୍ଞାନୀମାନେ ସମାଜରେ ଅନେକ ସନ୍ଦର୍ଭରେ ୧୦୮ ସଂଖ୍ୟାକୁ କେହି ଭୁଲିବା ଉଚିତ୍ ନୁହେଁ ବୋଲି ୧୦୮ସଂଖ୍ୟା ସମ୍ବନ୍ଧୀୟ ଅନେକ ଆଚରଣ ରଖାଇଥିଲେ ।

ତଥାପି ଏହି ୧୦୮ ସଂଖ୍ୟା ପ୍ରପଞ୍ଚର ଆୟୁଷ ବୋଲି ଅନେକ ଲୋକଙ୍କୁ ଜଣା ନାହିଁ । ପୂର୍ବେ ଜ୍ଞାନ ଜାଣିଥିବା ଜ୍ଞାନୀମାନେ ୧୦୮ ସଂଖ୍ୟାକୁ ଅନେକ ସନ୍ଦର୍ଭରେ ଚିହ୍ନିବା ପାଇଁ ରଖାଇଥିବା ବେଳେ, ଆଜି ଜ୍ଞାନ ଜାଣିନଥିବା ଲୋକମାନେ ସେହି ସଂଖ୍ୟାକୁ ୧୦୧ ଭାବରେ ବଦଳାଇ ଦେଇଛନ୍ତି । କେତେକ ୧୧୬ କରି ଦେଇଛନ୍ତି । ଏଭଳି ବ୍ୟକ୍ତିମାନଙ୍କୁ ଦେଖୁଥିବା ଈଶ୍ୱର ମଣିଷ ଦୁର୍ଘଟଣାରେ ପଡି ବଞ୍ଚିବା ମରିବା ପରିସ୍ଥିତିରେ ଥିବାବେଳେ ହସ୍ପିଟାଲ୍‌କୁ ନେଇଯାଉଥିବା ଆମ୍ବୁଲାନ୍ସ ଭ୍ୟାନ୍‌ର ନମ୍ବର ମଧ୍ୟ ୧୦୮ ହୋଇ ରହିବା ଭଳି କରି, ବିପଦ ସମୟରେ ଡାଇଲ୍ କରିବା ନମ୍ବରକୁ ମଧ୍ୟ ୧୦୮ ଭାବରେ ରଖାଇଛନ୍ତି, ଯାହା ବି ହେଉ ପ୍ରପଞ୍ଚର ଆୟୁଷ ୧୦୮ କୋଟି ବୋଲି ଆଜି ମଣିଷ ଭୁଲିଯାଇଛି । ୧୦୮କୋଟି ବର୍ଷ ସଜୀବ ରହୁଥିବା ପ୍ରକୃତି, ୧୦୮କୋଟି ବର୍ଷ ପରେ ଦିନେ ପ୍ରଳୟ ହୋଇ ଦେଖାଯାଉଥିବା ବିଶ୍ୱର ସବୁକିଛି ଅଦୃଶ୍ୟ ହୋଇଯାଉଛି । ୧୦୮କୋଟି ବର୍ଷ ପର୍ଯ୍ୟନ୍ତ ବିଶ୍ୱ ନଥିବା ବିରାମ ସ୍ଥିତିରୁ (ପ୍ରଳୟରୁ) ପୁଣି ଦିନେ (ପ୍ରଭବରେ) ସଚରାଚର ସଜୀବ ଭାବରେ ସୃଷ୍ଟି ହେଉଛି ।

ପୁଣି ଥରେ ନୂଆକରି ସୃଷ୍ଟି ହେଉଥିବା ସୃଷ୍ଟି ଏବେ ଆମେ ଯେଉଁ ସ୍ଥିତିରେ ଅଛେ ଠିକ୍ ସେହି ସ୍ଥିତିଭଳି ହୋଇଥାଏ । ସେତେବେଳେ ମଧ୍ୟ ସୃଷ୍ଟି ଭିତରେ ତିନି ପ୍ରକାରର ଜୀବରାଶି ସୃଷ୍ଟିହେବେ । ତ୍ରୈତ ଅନୁସାରେ ସେମାନେ ଅଣ୍ଡଜ, ପିଣ୍ଡଜ ଏବଂ ଉଦ୍ଭିଜ ଭାବରେ ସୃଷ୍ଟିହେବେ । ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରାଦିଙ୍କ କାଳ ପରିମାଣ ଭାବରେ ଦିନ, ମାସ, ବର୍ଷ ହୋଇଥିବାରୁ

ତାହା ହିଁ ଅଣ୍ଡଜ, ପିଣ୍ଡଜ, ଉଦ୍ଭିଜମାନଙ୍କର ଆୟୁ ପରିମାଣ ହୋଇ ଥାଏ । ଏହିଭଳି ଗୋଟିକ ସହିତ ଗୋଟିଏ ସମ୍ବନ୍ଧୀୟ ହୋଇ ରହିଛି । ଭୂପୃଷ୍ଠରେ ଦେଖାଯାଉଥିବା ଜୀବରାଶି ଥିବାବେଳେ, ଆକାଶରେ ଦେଖାଯାଉଥିବା ଗ୍ରହମାନେ ଥିବାବେଳେ, ମଝିରେ ଦେଖାଯାଉନଥିବା କାଳ ଦୈବତ୍ତ୍ୱ ହୋଇ ରହିଛି । ଦେଖାଯାଉନଥିବା ସେହି କାଳ ଦିବସ, ମାସ, ବର୍ଷ ନାମରେ କାଳ ପରିମାଣ ଭାବରେ ବିଭାଜିତ ହୋଇ ରହିଛି, ବିଭାଜିତ ଦିବସ ଗୁଡିକର ନାମ ଅଛି, ବାରଗୋଟି ମାସର ମଧ୍ୟ ନାମ ଅଛି । ସେହିଭଳି ରହିଥିବା ୬୦ ଗୋଟି ବର୍ଷ ବା ସମ୍ବତ୍ସରର ମଧ୍ୟ ୬୦ଗୋଟି ନାମ ଅଛି । ଏହିଭଳି ଦିବସ, ମାସ, ବର୍ଷ ନାମରେ କାଳର ନାମଗୁଡିଏ ଅଛି ବୋଲି ସମସ୍ତେ ଜାଣନ୍ତି । ଏହି ସନ୍ଦର୍ଭରେ କୁହାଯାଇଥିବା ମାସ ଏବଂ ଯୁଗ ନାମକ ଶବ୍ଦ ଦୁଇଟି ବଦଳିଥିବା ଜଣାଯାଇଛି । ଦୈବଭାଷା ଅନୁସାରେ "**ମୁସା**" ନାମକ ଶବ୍ଦଟି କାଳକ୍ରମେ ବଦଳି ଆଜି "**ମାସ**" ବୋଲି କୁହାଯାଉଛି । ସେହିଭଳି "**ଯୋଗ**" ନାମକ ଶବ୍ଦଟି ମଧ୍ୟ କାଳକ୍ରମେ ବଦଳି "**ଯୁଗ**" ହୋଇଯାଇଛି, ଉଦାହରଣ ସ୍ୱରୂପ ଆଜି କୁହାଯାଉଥିବା ଚୈତ୍ରମାସ ସେତେବେଳେ ଚୈତ୍ରମୁସା କୁହାଯାଉଥିଲା, ଆଜି କୁହାଯାଉଥିବା କଳିଯୁଗ ସେତେବେଳେ କଳିଯୋଗ କୁହାଯାଉଥିଲା ।

କାଳରେ ହିଁ ସମସ୍ତ ଜୀବରାଶି ଜନ୍ମ ହୋଇଥାନ୍ତି, ଅର୍ଥାତ୍ କାଳ ବା ଦୈବଙ୍କଠାରୁ ହିଁ ସମସ୍ତ ଜୀବରାଶି ସୃଷ୍ଟି ହେଉଛନ୍ତି ବୋଲି ଜଣାଯାଉଛି । ଦେଖାଯାଉ ନଥିବା ଈଶ୍ୱର ପ୍ରତ୍ୟେକ ଜୀବରାଶିକୁ ଅଲଗା ଅଲଗା ଆକାରରେ ଜନ୍ମ କରାଉଛନ୍ତି । ସେଥିଲାଗି କାଳର ନାମ ବାର, ମାସ, ବତ୍ସର ହୋଇଛି । ବାର କହିଲେ ବାରିବା ବା ଅଲଗା କରିବା ଅର୍ଥାତ୍ ଅଲଗା, ମାସ କହିଲେ ଆକାରତଃ (ମୂଳ ଭାଷା), ବତ୍ସର କହିଲେ ଯାହା ଜନ୍ମ ହୋଇଛି (ମୂଳ ଭାଷା) । ଏହି ଅର୍ଥ ଅନୁସାରେ ପ୍ରତ୍ୟେକ ମଣିଷ ମଣିଷ ଭିତରେ କିଛିନା କିଛି ଭିନ୍ନତା ନିଶ୍ଚୟ ରହିଛି ବୋଲି ଜଣାଯାଉଛି ।

ପ୍ରତ୍ୟେକ ମଣିଷର ମୁଖାକୃତିରେ ନିଶ୍ଚୟ କିଛି ଭିନ୍ନତା ରହିବା କଥାକୁ ସମସ୍ତେ ଗ୍ରହଣ କରି ପାରିବେ । ସେଥିଲାଗି ପ୍ରତ୍ୟେକ ମଣିଷ ଅଲଗା ଅଲଗା ଭାବରେ (ବାର) ଚିହ୍ନିତ (ମୁଦ୍ରିତ) ହେଉଥିବା ଆକାରରେ ବସ୍ପରୀତ (ଜନ୍ମ) ହୋଇଥାଏ । ବୋଲି ଜଣାଯାଉଛି । ଏଠାରେ ବାର କହିଲେ ଏକ ଦଫା, ସମୁହ ବା ସପ୍ତାହ ବୋଲି ବୁଝାଯାଏ । ଅର୍ଥାତ୍ ବାର କହିଲେ ସପ୍ତାହର ବିଭିନ୍ନ ଦିବସକୁ ସମସ୍ତେ ବୁଝିଥାନ୍ତି । ହେଲେ ଏକ ବାର ବା ସପ୍ତାହରେ ଥିବା ଦିବସଗୁଡିକର ସାତଗୋଟି ନାମ କାହିଁକି ଦିଆଯାଇଥିଲା ? ବୋଲି ପ୍ରଶ୍ନକରି ଦେଖିଲେ ତାହାର ଉତ୍ତର ନିମ୍ନମତେ ଜଣାଯାଇଥାଏ ।

ଭୂପୃଷ୍ଠରେ ଥିବା ପ୍ରତ୍ୟେକ ମଣିଷ ବାହାରେ ଦେଖାଯାଉଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରାଦିଙ୍କର ଆଲୋକରେ ଏବଂ ଭିତରେ ଦେଖାଯାଉ ନଥିବା ତିନି ଆତ୍ମାଙ୍କ ପ୍ରଭାବରେ ଜୀବନ ବଞ୍ଚି ପାରିଥାଏ । ବାହାରେ ଗ୍ରହଗୁଡିକର ସାତଗୋଟି କିରଣ ଭିନ୍ନତା କ୍ରମେ ରହିଛି । ସେହିଭଳି ଭିତରେ ଆତ୍ମାଗୁଡିକର ପ୍ରଭାବ ମଧ୍ୟ ସାତ ପ୍ରକାରର ହୋଇ ରହିଛି । କିରଣ ବା ଆଲୋକକୁ ବିଭାଜନ କରି ଦେଖିଲେ ତାହା ୭ଗୋଟି ରଙ୍ଗର ହୋଇ ରହିଛି ବୋଲି ଜଣାଯାଏ । ସେହିଭଳି ଆତ୍ମାଶକ୍ତି ମଧ୍ୟ ସାତଗୋଟି ନାଡୀକେନ୍ଦ୍ରର ଶକ୍ତି ଭାବରେ ବିଭାଜିତ ହୋଇ ରହିଛି । ସେଥିଲାଗି ମଣିଷ ବଞ୍ଚୁଥିବା ଦିବସଗୁଡିକ ସାତଗୋଟି ନାମରେ କଥିତ ହେଉଛି । ଏହି ସାତଗୋଟି ଦିବସର ନାମ କ୍ରମରୁ ପ୍ରଥମରେ ଥିବା ତିନିଗୋଟି କ୍ରମର ନାମ ସୂର୍ଯ୍ୟ, ଚନ୍ଦ୍ର ଏବଂ ନକ୍ଷତ୍ର ସମ୍ବନ୍ଧୀୟ ହୋଇ ରହିଛି । ଆଜିର କାଳରେ ନାଗରୀକତା ନାମରେ, ବିଜ୍ଞାନ ଶିକ୍ଷାରେ ଅଜ୍ଞାନରେ ବୁଡି ରହିଥିବା ମଣିଷ ରବି, ସୋମ, ମଙ୍ଗଳ ବାରର ବିଶେଷତାକୁ ଭୁଲି, ନିଜ ସମ୍ପର୍କୀୟ ଜ୍ଞାନକୁ ଜାଣିପାରୁ ନାହିଁ । ବିଜ୍ଞାନ ଜାଣିବା ସହିତ ନାନା ସୁଖରେ ବୁଡି ରହିଥିବା ମାନବ ଅପେକ୍ଷା ପୂର୍ବେ ରବି, ସୋମ, ମଙ୍ଗଳ ବାରର ଅର୍ଥକୁ ଜାଣି

ସମାଜରେ ରହିଥିବା ମଣିଷ କେତେ ମହାନ ଥିଲା ତାହା ଜଣାଯାଉଛି ।

ପ୍ରତ୍ୟେକ ମଣିଷ ଭିନ୍ନ ଭିନ୍ନ ମୁଖାକୃତିରେ, ଭିନ୍ନ ଭିନ୍ନ ଶରୀରରେ ଜନ୍ମ ହୋଇଥାନ୍ତି ବୋଲି ସମସ୍ତେ ଜାଣନ୍ତି । ଏଭଳି ମଣିଷ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ନାମକ ତିନି ଗ୍ରହଙ୍କ କିରଣରେ ଏବଂ ତିନି ଆତ୍ମାଙ୍କ ପ୍ରଭାବରେ ଜୀବନ ବଞ୍ଚିଥାଏ । ଈଶ୍ୱର ଆକାଶରେ ଭୌତିକତଃ ଦେଖାଯାଉଥିବା ଦୁଇଟି ଗ୍ରହ ଭାବରେ ଏବଂ ଗୋଟିଏ ଅଗ୍ରହ ନକ୍ଷତ୍ର ଭାବରେ ରହି, ଶରୀରରେ ଦେଖାଯାଉ ନଥିବା ତିନି ଆତ୍ମା ଭାବରେ ରହିଥାନ୍ତି ବୋଲି ଆଲୋଚନା କରିଥିଲେ ! ସେହି ଅନୁସାରେ ପ୍ରତ୍ୟେକ ମଣିଷ ଗୋଟିଏ ଦିଗରେ ବାହ୍ୟତଃ ଥିବା ଗ୍ରହମାନଙ୍କ ଦ୍ୱାରା, ଅନ୍ୟ ଗୋଟିଏ ଦିଗରେ ଭିତରେ ନିବାସ କରୁଥିବା ଆତ୍ମାଗୁଡିକ ଦ୍ୱାରା ଜୀବନ ବଞ୍ଚିଥାଏ ଅର୍ଥାତ୍ ସଂପୂର୍ଣ୍ଣ ଈଶ୍ୱରଙ୍କ ଦ୍ୱାରା ଜୀବନ ନିର୍ବାହ କରିଥାଏ ବୋଲି ଜଣାଯାଉଛି ।

**ଈଶ୍ୱର ଦେଖାଯାଉଥିବା ସୂର୍ଯ୍ୟ ଚନ୍ଦ୍ର ନକ୍ଷତ୍ର ଭାବେ**
**ଈଶ୍ୱର ଦେଖାଯାଉନଥିବା ଜୀବାତ୍ମା ଆତ୍ମା ପରମାତ୍ମା ଭାବେ** } ବିଭାଜିତ

ଦୈବ ପ୍ରଭାବରେ ଗୋଟିଏ ଦିଗରେ ବାହ୍ୟତଃ, ଅନ୍ୟ ଦିଗରେ ଅନ୍ତର୍ଗତତଃ ବଞ୍ଚୁଥିବା ମଣିଷ ବାହାରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରକୁ ଏବଂ ଭିତରେ ଜୀବାତ୍ମା, ଆତ୍ମା, ପରମାତ୍ମାଙ୍କୁ ଜାଣି ଆରାଧନା କରିବା ଉଚିତ୍, ତାହାକୁ ହିଁ ତ୍ରୈତାରାଧନା କହୁଛୁ । ଅର୍ଥାତ୍ ତ୍ରୈତାରାଧନାରେ ବାହାରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରଙ୍କୁ ସୂଚିତ କରୁଥିବା ରବି, ସୋମ, ମଙ୍ଗଳ ନାମକ ଦିବସ ଗୁଡିକରେ ନିଜ ଭିତରର ତିନି ଆତ୍ମାଙ୍କୁ ଆରାଧନା କରିବାକୁ ତ୍ରୈତାରାଧନା କୁହାଯାଏ । ପୂର୍ବର କେତେକ ଜ୍ଞାନୀମାନେ ଜ୍ଞାନ ତତ୍ତ୍ୱକୁ ଲୋକଗୀତିରେ ବର୍ଣ୍ଣନା କରି ଗାଇବା ଭଳି କରାଇଥିଲେ । ସେମାନଙ୍କ ତତ୍ତ୍ୱଗୀତିର ଭାବ "ତିନି ଦିନର ଖେଳ ହୋଇଥିବା ଏହି ଜୀବନକୁ ଦେଖି, ରେ ଜୀବ ! ତୁ କାହିଁକି ଏତେ ଖୁସି ହେଉ !" ବୋଲି ଭାବ ରହିଛି , ଯାହା

ଆଜି କାହା କାହା ମୁଖରୁ ଶୁଣିବାକୁ ମିଳିଥାଏ । ଏହି ଅନୁସାରେ ଆମର ଏହି ଜୀବନ ସତରେ କଣ ତିନିଦିନର ବୋଲି ବିଚାର କରି ଦେଖିଲେ ଗୋଟିଏ ଦିନ ଜନ୍ମ ପାଇଁ, ଦ୍ୱିତୀୟ ଦିନଟି ଆତ୍ମଜ୍ଞାନ ପାଇଁ ଏବଂ ତୃତୀୟ ଦିନଟି ମୋକ୍ଷ ପାଇଁ ବୋଲି ଜଣାଯାଉଛି । ପ୍ରଥମ ଦିନରେ ଜୀବ ଜନ୍ମ ହୋଇ, ଦ୍ୱିତୀୟ ଦିନରେ ଆତ୍ମା ଜ୍ଞାନ ଜାଣି, ତୃତୀୟ ଦିନରେ ପରମାତ୍ମାଙ୍କ ଠାରେ ଐକ୍ୟହେବା ଉଚିତ୍ ବୋଲି କହିପାରିବା । ତେଣୁ କେତେକ କବିମାନେ, ମହାପୁରୁଷମାନେ **"ଜୀବନ ଅଟେ କ୍ଷୀଣସ୍ଥାୟୀ, ଯୌବନ ଗାରିମା କିମ୍ପାଇଁ"** ବୋଲି କହିଥିଲେ । ଏହି ବିଷୟକୁ ଜୀବନ ବଞ୍ଚୁଥିବା ଲୋକମାନେ ସମାଜରୁ ଜାଣିବାପାଇଁ ସମାଜରେ କେତେକ ଆଚରଣ ରଖାଇଥିଲେ । ଆଜି ମଧ୍ୟ ସେହି ଆଚରଣ ଭିତରୁ କେତେକାଞ୍ଚଳରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ତାର କ୍ରିୟାକର୍ମାଦି ତିନିଦିନରେ କରୁଛନ୍ତି । ଏ ବିଷୟ ଆମକୁ ଜଣାଥାଉ ବା ନଥାଉ, କିନ୍ତୁ ଜୀବନ ଯେ ତିନି ଦିନର ଖେଳ ବୋଲି ସତ୍ୟକୁ ଆମେ ନିହାତି ଜାଣିବା ଉଚିତ୍ । ମଣିଷର ଜୀବନ ଯଦିଓ ତିନିଦିନର, ସେହି ତିନି ଦିନକୁ ଯଦି ଜୀବ ପାଶୋରି ଦେଇଛି; ତଥାପି ତାହାକୁ ଜ୍ଞାନ କରିବା ପାଇଁ ବଡମାନେ ନାନା ଆଚରଣ ଦ୍ୱାରା ସୂଚିତ କରିଛନ୍ତି । ସେହି ଆଚରଣ ନେପଥ୍ୟରେ ଥିବା ଜ୍ଞାନକୁ ଜାଣିବାକୁ ହେଲେ ମଣିଷ ବଞ୍ଚୁଥିବା କାଳର କିୟଦଂଶ ହୋଇଥିବା ରବି, ସୋମ, ମଙ୍ଗଳ ନାମକ ତିନିଦିନ ବାବଦରେ ଜାଣିବା ଉଚିତ୍ । ମଣିଷ ନିଜେ ବଞ୍ଚୁଥିବା କାଳ ବାବଦରେ ଅର୍ଥାତ୍ ଏଇ ରବି, ସୋମ, ମଙ୍ଗଳବାର ବାବଦରେ ନ ଜାଣିଲେ ତାର ଜୀବନ ବୃଥା ବୋଲି କହିପାରିବା । ତେଣୁ ଭୂପୃଷ୍ଠରେ ବଞ୍ଚୁଥିବା ପ୍ରତ୍ୟେକ ମଣିଷ କୌଣସି ମତରେ ଜନ୍ମ ହୋଇଥିଲେ ମଧ୍ୟ ଏହି ତିନି ବାର ବିଶିଷ୍ଟ ତ୍ରୈତାରାଧନା ଜାଣିବା ଉଚିତ୍ ଏବଂ ଆରାଧନା କରିବା ଉଚିତ୍ । ଏହା ଆତ୍ମା ସମ୍ବନ୍ଧୀୟ ଜ୍ଞାନ ହୋଇଥିବାରୁ ପ୍ରତ୍ୟେକ ମଣିଷ ପାଇଁ ଉପଯୋଗୀ ଏବଂ ଏକ ମତାତୀତ ଆଚରଣ ।

ତ୍ରୈତାରାଧନା ଏକ ଭାବପୂରିତ ଆରାଧନା । ତେଣୁ ସପ୍ତାହର ପ୍ରଥମ କ୍ରମରେ ଥିବା ତିନି ଦିନ ଅର୍ଥାତ୍ ରବି, ସୋମ, ମଙ୍ଗଳବାର ଗୁଡିକରେ ଏହାର ଆଚରଣ କରିବା ସହିତ, ଶରୀରରେ ଥିବା ସାତଗୋଟି ନାଡୀକେନ୍ଦ୍ରରୁ ଉପର କ୍ରମରେ ରହିଥିବା ତିନିଗୋଟି ନାଡୀକେନ୍ଦ୍ର ଯଥା କଣ୍ଠସ୍ଥାନ, ଭ୍ରୂମଧ୍ୟ ସ୍ଥାନ ଏବଂ କପାଳ ସ୍ଥାନକୁ ଚିହ୍ନି କପାଳରେ ଉକ୍ତ ତିନି ସ୍ଥାନର ଧ୍ୟାନ ରହିବା ଭଳି କରିବା ବେଳେ ବା ଆରାଧନା ସମୟରେ ଡାହାଣହାତ ମୁଣ୍ଡ ଉପରେ, ବାମହାତ ଥୋମଣୀ ତଳେ (ଅଧର ଓଷ୍ଠର ନିମ୍ନ ପ୍ରଦେଶରେ) ରଖିବା ଉଚିତ୍ । ତିନି ଆତ୍ମାର ସଂକେତ ଭାବରେ ତିନି କୋଣିଆ ଛୋଟ କପଡାଟିଏ ମୁଣ୍ଡରେ ବାନ୍ଧିବା ଉଚିତ୍ । ଏହି ଆଚରଣ ଆପଣଙ୍କୁ ନୂଆ ଲାଗୁଥିଲେ ମଧ୍ୟ, ଏହା କୌଣସି ପରମତ ବାଣୀ ବୋଧ ହେଉଥିଲେ ମଧ୍ୟ, ପୂର୍ବେ କେତେଲକ୍ଷ ବର୍ଷ ତଳେ ଅର୍ଥାତ୍ ଯେତେବେଳେ କୌଣସି ମତ ନଥିଲା ସେତେବେଳେ ଏହି ଆଚରଣ ଜ୍ଞାନୀମାନଙ୍କ ଦ୍ୱାରା ଆଚରିତ ହେଉଥିଲା ବୋଲି ଜାଣିବା ଉଚିତ୍ । ଯାହା ଏତେବର୍ଷ ପୂର୍ବେ ଆଚରିତ ହେଉଥିଲା ତାହା ଆମକୁ ଜଣାନାହିଁ, କୌଣସି ପିଠାଧିପତିକୁ ଜଣାନାହିଁ କି କୌଣସି ମଠାଧିପତିକୁ ଜଣା ନାହିଁ ତାହା ଆପଣ କିପରି ଜାଣିଲେ ? ବୋଲି ପ୍ରଶ୍ନ ଉଭବ ହୋଇପାରେ । ତାର ସମାଧାନରେ ମୁଁ କହିପାରିବି ଯେ, ଏ ବାବଦରେ ମୋତେ ମଧ୍ୟ କିଛି ଜଣା ନାହିଁ, କିନ୍ତୁ ମୋ ଭିତରେ ଥିବା ଦ୍ୱିତୀୟ ଆତ୍ମାଙ୍କୁ ଏ ବାବଦରେ ସବୁ ଜଣାଥିବାରୁ ସେ ମୋତେ କୁହାଇ ଲେଖାଉଥିବାରୁ ତାହା ମୁଁ ଲେଖୁଛି । ତୋ ଭିତରେ ମଧ୍ୟ ଆତ୍ମା ଅଛନ୍ତି, ହେଲେ ଏ ବାବଦରେ ତୁ ତାଙ୍କୁ ପଚାରି ନାହୁଁ ତେଣୁ ସେ ତୋତେ କହି ନାହାନ୍ତି । ଏଇ ହିଁ ତୋ' ମୋ ଭିତରେ ଥିବା ପାର୍ଥକ୍ୟ । ଏବେ ସେହି ଆତ୍ମାବାର ବା ସପ୍ତାହ ଭିତରେ ଥିବା ଦିବସଗୁଡିକର କ୍ରମରୁ ପ୍ରଥମେ ଥିବା ତିନି ଦିବସ ଯଥା ରବି, ସୋମ, ମଙ୍ଗଳବାର ବାବଦରେ ବିପୁଳ ଭାବରେ କହୁଛି ତାହା ଶୁଣନ୍ତୁ ।

# ଆଦିବାର (ରବିବାର)

ଆଦିର ଭୌତିକ ଅର୍ଥ ହେଉଛି ପ୍ରଥମ । ଆଧ୍ୟାତ୍ମିକ ଦୃଷ୍ଟିରୁ ଜନ୍ମ ମରଣ ଥିବା କ୍ଷର ପୁରୁଷ ଜୀବାତ୍ମାକୁ ବୁଝାଇଥାଏ । ଈଶ୍ୱର ଜୀବ ପାଇଁ ଏଇ ସୃଷ୍ଟି ରଚନା କରିଛନ୍ତି । ପ୍ରଥମେ ଜୀବକୁ ସୃଷ୍ଟି କରିଥିବା ଦିନଟିକୁ ଆଦି ବାର ବା ପ୍ରଥମ ଦିନ ବୋଲି ଭୌତିକ ଅର୍ଥରେ, ରବିବାର ବା ସୂର୍ଯ୍ୟଙ୍କ ଦିନ ବୋଲି ଆଧ୍ୟାତ୍ମିକ ଅର୍ଥରେ କୁହାଯାଏ । ଭୌତିକ ଅର୍ଥରେ ତାହା ପ୍ରଥମ (ଆଦି) ଦିନ ହେଲେ ମଧ୍ୟ, ଜନ୍ମ ମରଣର ସମତୁଳିତ ଭାବରେ ଉଦୟ ଏବଂ ଅସ୍ତ ହେଉଥିବା ସୂର୍ଯ୍ୟ ଜୀବ ଭଳି ହୋଇଥିବାରୁ ଆଦି ବାରକୁ ରବିବାର ବୋଲି ମଧ୍ୟ କୁହାଯାଇଥାଏ । ସେସବୁ ଯାହା ବି ହେଉ, ଯେଉଁଦିନ ସୃଷ୍ଟି ଆରମ୍ଭ ହୋଇଥିଲା ତାହା ଥିଲା ଆଦିବାର ବା ଆଦିଦିନ । ଈଶ୍ୱର ପ୍ରତ୍ୟକ୍ଷ ଭାବରେ ରହି ଗୋଟିଏ ଦିଗରେ ଆତ୍ମାଙ୍କୁ, ଅନ୍ୟ ଦିଗରେ ଜୀବାତ୍ମାକୁ ଶରୀରରେ ଜନ୍ମ କରାଇଥିବା ଦିନ ହେଉଛି ଆଦିବାର । ତିନି ଆତ୍ମାର କ୍ରମରୁ ପ୍ରଥମଟି ହେଉଛି ଜୀବାତ୍ମା, ଦ୍ୱିତୀୟଟି ଆତ୍ମା, ତୃତୀୟଟି ପରମାତ୍ମା । ପ୍ରଥମେ ଜୀବାତ୍ମାର ଜନ୍ମ ହୋଇଥିବାରୁ ଜୀବାତ୍ମାର ଜନ୍ମ ଦିନକୁ ଆଦିବାର କୁହାଯାଏ । ବାହ୍ୟତଃ ତାହା ସୂର୍ଯ୍ୟଙ୍କ ଦିନ ହୋଇଥିବାରୁ ରବିବାର କହି, ଭିତରେ ଜୀବାତ୍ମାର ଦିନ କହିବାକୁ ଯାଇ, ଆଦିବାର କହିଲେ ମଧ୍ୟ ଦୁଇଟି ଶବ୍ଦର ଅର୍ଥ ଗୋଟିଏ ବୋଲି ଜାଣିବା ଉଚିତ୍ । ଈଶ୍ୱର ତାଙ୍କ ପ୍ରକୃତି ଦ୍ୱାରା ଜୀବମାନଙ୍କୁ ସୃଷ୍ଟିକରିବା କାର୍ଯ୍ୟର ଆରମ୍ଭ ଦିନ ହୋଇଥିବାରୁ ତାହାକୁ "ଦୈବକାର୍ଯ୍ୟର ଆରମ୍ଭ ଦିନ" ବୋଲି କହୁଛୁ । ଈଶ୍ୱର ତାଙ୍କ ସଂକଳ୍ପ ଦ୍ୱାରା ସର୍ବସ୍ୱକୁ ସୃଷ୍ଟି କରିଥିବା ଦିନ ହୋଇଥିବାରୁ ଆଦିବାରକୁ "ସଂକଳ୍ପ ଦିନ" ବୋଲି ମଧ୍ୟ ପୂର୍ବେ କହୁଥିଲେ । ସବୁଠାରୁ ମହାନ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଦିନ ହୋଇଥିବାରୁ ଶ୍ରେଷ୍ଠ ଦିନ, ପବିତ୍ର ଦିନ ବୋଲି ମଧ୍ୟ ଆଦିବାରକୁ ବା ରବିବାରକୁ କହିପାରିବା ।

ଆଜି ତାହା କେଉଁଭଳି କଥିତ ହେଉଥିଲେ ମଧ୍ୟ ପୂର୍ବେ ଏହି ପ୍ରଥମ ଦିନକୁ ଆଦିବାର, ଦୈବକାର୍ଯ୍ୟର ଆରମ୍ଭଦିନ, ଶ୍ରେଷ୍ଠଦିନ କିମ୍ବା ପବିତ୍ର ଦିନ ବୋଲି ମହାନତା ବ୍ୟକ୍ତ କରୁଥିବା ଭାଷାରେ କହୁଥିଲେ ।

ଗୋଟିଏ ଦୃଷ୍ଟିରୁ କହିଲେ ରୋମ୍, ଗ୍ରୀକ୍ ଦେଶରେ ଦେବତା ଏବଂ ଗ୍ରହମାନଙ୍କ ଉପରେ ଭକ୍ତିଭାବ ଅଧିକ ରଖୁଥିଲେହେଁ ଆମ ଦେଶରେ ସେମାନଙ୍କ ଦେଶ ଅପେକ୍ଷା ଅଧିକ ଜ୍ଞାନ ରହିଥିଲା । ତେଣୁ ଜ୍ଞାନରେ ଅଗ୍ରଣୀ ଥିବା ଆମ ଦେଶକୁ ଇନ୍ଦୁଦେଶ ବୋଲି ଅନ୍ୟଦେଶର ଲୋକମାନେ କହୁଥିଲେ । ପ୍ରଥମେ ଇନ୍ଦୁଦେଶ ହୋଇଥିବା ଆମ ଦେଶ ରାଜା ଭରତଙ୍କ ରାଜୁତି କାଳରୁ ଭାରତଦେଶ ବୋଲି କୁହାଯାଉଥିଲା । ସେତେବେଳେ ଏହାକୁ ଭାରତ କୁହାଯାଉଥିଲେ ମଧ୍ୟ ଆରମ୍ଭରୁ ଏ ଦେଶରେ ଜ୍ଞାନ ରହିଥିବାରୁ ଇନ୍ଦୁଦେଶ ନାମଟି ଯଥାବିଧ ରହିଥିଲା । କାଳକ୍ରମେ ଇନ୍ଦୁତ୍ୱ ଅର୍ଥାତ୍ ଦୈବଜ୍ଞାନ ଏ ଦେଶରେ ନ୍ୟୁନ ହୋଇଯାଇ ଶେଷରେ **ଇନ୍ଦୁ** ନାମକ ଶବ୍ଦ ଆଜି **ହିନ୍ଦୁ** ହୋଇଯାଇଛି ବୋଲି ଆମେ ମଧ୍ୟ ଅନେକ ସନ୍ଦର୍ଭରେ କହିଛୁ । ଇନ୍ଦୁ ନାମକ ଶବ୍ଦ ବଦଳି ଆଜି ହିନ୍ଦୁ ହୋଇଯାଇଥିଲେ ମଧ୍ୟ ଜ୍ଞାନରେ ଏହି ଦେଶ ଅନ୍ୟ ଦେଶମାନଙ୍କ ତୁଳନାରେ ମହାନ ହୋଇ ଆଜି ମଧ୍ୟ ରହିଛି । ତେଣୁ ଅର୍ଥ ଜାଣି ଆମେ ଆମ ଭାରତ ଦେଶକୁ ଇନ୍ଦୁ ଦେଶ କହିବା ଉଚିତ୍ । ଆମଦେଶ ଜ୍ଞାନଯୁକ୍ତ ଦେଶ ବୋଲି ଜାଣି ଆମ ଦେଶରେ କୁହାଯାଇଥିବା ଜ୍ଞାନ ଅନ୍ୟ ଦେଶଗୁଡିକୁ ମଧ୍ୟ ବ୍ୟାପିଯାଇଥିଲା, ଅର୍ଥାତ୍ ଇନ୍ଦୁଦେଶ ହୋଇଥିବା ଆମ ଭାରତଦେଶ ସବୁ ଦେଶଗୁଡିକର ମାର୍ଗଦର୍ଶକ ହୋଇ ରହିଥିଲା ବୋଲି ଜଣାଯାଉଛି । ସବୁ ଦେଶଗୁଡିକର ମାର୍ଗଦର୍ଶକ ହୋଇଥିବା ଇନ୍ଦୁଦେଶରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର କ୍ରମ ଅନୁସାରେ ଜ୍ୟୋତିଷଶାସ୍ତ୍ର ବହିର୍ଗତ ହୋଇଥିଲା । ସୂର୍ଯ୍ୟ ହିଁ ପ୍ରଥମ ହୋଇଥିବାରୁ ଏବଂ ତାହା ସାତଗୋଟି ଦିବସର ପ୍ରଥମ ଦିନ ହୋଇଥିବାରୁ ଆଦ୍ୟ ବା ସର୍ବ ପ୍ରାଚୀନ ବାରକୁ ଇନ୍ଦୁମାନେ ଆଦିବାର କହିବା ଭଳି ଅନ୍ୟ ଦେଶଗୁଡିକରେ

ମଧ୍ୟ ଆଦିବାରକୁ ହିଁ ପ୍ରଥମ ଦିନ ଭାବରେ ନେଇଛନ୍ତି । ଆଦିବାରକୁ ଈଶ୍ୱର ତିଆରି କରିଥିଲେ ଏବଂ ତାହାହିଁ ପବିତ୍ର ଦିନ ହୋଇଥିବାରୁ ସେହି ଦିନକୁ ପବିତ୍ର ଦିନ ଭାବରେ ଗ୍ରହଣକରି ଈଶ୍ୱରଙ୍କ ଧ୍ୟାନରେ, ଈଶ୍ୱରଙ୍କ ଜ୍ଞାନରେ ଇନ୍ଦୁମାନେ ବିତାଉଥିଲେ । ସେଦିନ କୌଣସି କାର୍ଯ୍ୟ ନକରି ଇନ୍ଦୁମାନେ ରବିବାରକୁ ଛୁଟିଦିନ ଭାବରେ ନେଇ କେବଳ ଦୈବଜ୍ଞାନ ଜାଣିବାରେ ସୀମିତ ରହୁଥିଲେ । ଇନ୍ଦୁଦେଶର ପ୍ରଜାମାନେ ଅନ୍ୟ ଦେଶବାସୀଙ୍କର ମାର୍ଗଦର୍ଶୀ ହୋଇଥିବାରୁ ସେମାନଙ୍କ ଆଚରଣ ଅନୁସାରେ ଅନ୍ୟ ଦେଶର ପ୍ରଜାମାନେ ମଧ୍ୟ ଆଦିବାରକୁ ଇନ୍ଦୁମାନଙ୍କ ଭଳି ପ୍ରଥମ ଦିନ, ବିଶ୍ରାମ ଦିନ କିମ୍ବା ପବିତ୍ର ଦିନ ଭାବେ ଗ୍ରହଣ କରିଥିଲେ । ଇଂରାଜୀ ଭାଷାରେ ହୋଲିଡେ (Holy day) କହିଲେ ମଧ୍ୟ ତାହା ପବିତ୍ରଦିନ ବୋଲି ବୁଝାଇଥାଏ । ଏହିଭଳି ବିଦେଶରେ ମଧ୍ୟ ଆଦିବାର ବା ରବିବାରକୁ ପବିତ୍ର ଦିନ (ହୋଲି ଡେ) ବୋଲି ଗ୍ରହଣ କରିଥିଲେ । କାଳକ୍ରମେ ଏହି ହୋଲିଡେ ବଦଳି ଆଜି ହଲିଡେ ହୋଇଯାଇଛି । ପବିତ୍ର ଦିନକୁ ବିଶ୍ରାମ ଦିନ ବା ଛୁଟିଦିନ ଭାବରେ ଗ୍ରହଣ କରିବା ବିଦେଶରେ ମଧ୍ୟ ପ୍ରଚଳିତ ଥିଲା । Holy day ହୋଲିଡେ ଶେଷରେ Holi day (ହଲିଡେ) ଭାବରେ ବଦଳି ଆଜି ଛୁଟିଦିନକୁ ହଲିଡେ, ସଣ୍ଡେ ଇଜ୍ ହଲିଡେ ବୋଲି କହୁଛନ୍ତି । ପୂର୍ବେ ସଣ୍ଡେ ଇଜ୍ ହୋଲିଡେ କହୁଥିଲେ । ପ୍ରପଞ୍ଚରେ କୌଣସି ମତ ନଥିବା କାଳରୁ ରବିବାର ବା ଆଦିବାରକୁ ଛୁଟିଦିନ ଭାବରେ ପ୍ରକଟିତ କରିଥିବା ପ୍ରଥା ଆଜି ମଧ୍ୟ ବଜାୟ ରହିଛି ।

ଇନ୍ଦୁମାନେ ଏହି ଆଦିବାର ବା ରବିବାରକୁ ପବିତ୍ରତାର ସହିତ ବିତାଉଥିଲେ । ଆଦି ଦିନକୁ ପବିତ୍ରଦିନ ଭାବେ ଦେଖିବା ଦ୍ୱାରା କୁଅଭ୍ୟାସ ହୋଇଥିବା ମାଦକଦ୍ରବ୍ୟାଦି ସେବନ କରିବା, ମାଂସାହାର କରିବା, ଖରାପ କଥା କହିବା, ଖରାପ ଆଚରଣ କରିବାଠାରୁ ଦୂରରେ ରହୁଥିଲେ । ସପ୍ତାହର ସାତ ଦିନରୁ ଅନ୍ୟ ଛଅଗୋଟି ଦିନକୁ ନିଜର କାର୍ଯ୍ୟରେ ବ୍ୟବହାର କରି

କେବଳ ରବିବାର ଦିନଟିକୁ ଦୈବ କାର୍ଯ୍ୟରେ ବ୍ୟବହାର କରୁଥିଲେ । ଏହିଭଳି ଇନ୍ଦୁମାନଙ୍କର ଆଚରଣରେ ମୁଗ୍ଧ ହୋଇ ଅନ୍ୟ ଦେଶବାସୀମାନେ ମଧ୍ୟ ଆଦିବାରକୁ (ରବିବାରକୁ) ପବିତ୍ରଦିନ ଭାବରେ ସ୍ୱୀକାର କରୁଥିଲେ । କାଳକ୍ରମେ ଜ୍ଞାନୀମାନେ ଅଜ୍ଞାନ ହେବାକୁ ଲାଗିଲେ । ରାଜା ଚାଲିଗଲେ ମଧ୍ୟ ରାଜଭବନ ଶୀଥିଳାବସ୍ଥାରେ ରହିଥିବା ଭଳି, ଇନ୍ଦୁମାନଙ୍କର ଆଚରଣ ପରମ୍ପରା ବଦଳିଯାଇଥିଲେ ମଧ୍ୟ ରବିବାର ଆଜି ମଧ୍ୟ ଛୁଟିଦିନ ହୋଇ ରହିଯାଇଛି । ଇନ୍ଦୁଦେଶରେ ଅଜ୍ଞାନତା ସ୍ଥାନ ପାଇ ଇନ୍ଦୁତ୍ୱ ଆଜି ପ୍ରଶ୍ନାର୍ଥକ ହୋଇଯାଇଛି । ଅନେକ ଲୋକ ରବିବାରକୁ ସପ୍ତାହର ଶେଷଦିନ ବୋଲି କହୁଛନ୍ତି; ତଥାପି ବିଦେଶୀ କ୍ୟାଲେଣ୍ଡରରେ ଆଦିବାର ବା ରବିବାରକୁ ପ୍ରଥମଦିନ ଭାବରେ ମାନ୍ୟତା ଦିଆଯାଉଛି । ଆଜି ପ୍ରଥମଦିନ ହୋଇ ରହିଥିଲେ ମଧ୍ୟ ଆଦିବାର ପବିତ୍ରଦିନ ବଦଳରେ ଭ୍ରଷ୍ଟାଚାର ଦିନ ବୋଲି କହିବାକୁ ପଡୁଛି । ଆଜି ଆଦିବାରକୁ ସ୍ୱତନ୍ତ୍ର ଭାବରେ ମାଂସ ଭକ୍ଷଣର ଦିନ ବୋଲି ଗଣନା କରାଯାଉଛି । ଆଦିବାରରେ ମଦ୍ୟପାନ କରିବା, ଜୁଆ ଖେଳିବା, ସିନେମା ଦେଖିବା, ମନୋରଞ୍ଜନ କରିବା, ବିଳାଶମୟ ଜୀବନ ବିତାଇବା ଆଜି ସର୍ବସାଧାରଣ ହୋଇଯାଇଛି । ଆଦିବାରକୁ ବା ରବିବାରକୁ କାହିଁକି ଛୁଟିଦିନ ଭାବରେ ନିଆଯାଇଛି ବୋଲି ଯେଉଁମାନେ ବିଚାର କରନ୍ତି ନାହିଁ ସେମାନେ ଆଦିବାରକୁ ଅଜ୍ଞାନ କାର୍ଯ୍ୟକ୍ରମରେ ଅତିବାହିତ କରୁଛନ୍ତି । ଆଦିବାରକୁ ସପ୍ତାହର ଶେଷ ଦିନ ବୋଲି ଅନେକ ଲୋକ କହିଥାନ୍ତି, ଭାବିଥାନ୍ତି ସିନା ଆଦିବାରରେ ଈଶ୍ୱରଙ୍କ ଚିନ୍ତାରେ ରହିବା, ତାଙ୍କରି ଆରାଧନା କରିବା ଉଚିତ୍ ବୋଲି ଭାବି ନଥାନ୍ତି । ଆଦିବାର ହିଁ ଈଶ୍ୱର ସମ୍ବନ୍ଧୀୟ ଦିନ ଆଉ ଜୀବ ସୃଷ୍ଟି ହୋଇଥିବା ପ୍ରଥମ ଦିନ ବୋଲି ସମସ୍ତେ ଭୁଲିଯାଇଛନ୍ତି । ଆଦିବାର ସ୍ଥାନରେ ଗୁରୁବାର, ସୋମବାର ସ୍ଥାନରେ ଶୁକ୍ରବାର, ମଙ୍ଗଳବାର ସ୍ଥାନରେ ଶନିବାର ଆଜି ସ୍ଥାନ ନେଇଛି । ପୂର୍ବେ ଆଦି (ରବି), ସୋମ, ମଙ୍ଗଳ ବାରଗୁଡିକ ପବିତ୍ର ଦିନ ଭାବରେ ସ୍ଥାନ ସଂରକ୍ଷଣ କରିଥିବା ସ୍ଥଳେ, ଆଜି

ଗୁରୁ, ଶୁକ୍ର, ଶନିବାରକୁ ପବିତ୍ରଦିନ କୁହାଯାଉଛି । ଗୁରୁ, ଶୁକ୍ର, ଶନିବାରରେ ଆଜି ସମସ୍ତେ ପବିତ୍ରତାର ସହିତ ନାନା ଦେବତାଙ୍କ ଆରାଧନା କରୁଛନ୍ତି । ଏହିଭଳି ଆଦିବାର ତାର ପବିତ୍ରତାକୁ ହରାଇ ଅନେକ ଦିନରୁ ରହିଆସିଛି; ତଥାପି ସେହି ଆଦିବାରର ମହାନତାକୁ ଆଜି ଆତ୍ମା ଆମକୁ ମନେପକାଇ ଦେଉଛନ୍ତି ।

କୋଟି କୋଟି ବର୍ଷରୁ ଇନ୍ଦୁମାନଙ୍କ ଭିତରେ ପ୍ରାଧାନ୍ୟତା ହାସଲ କରି ରହିଥିବା ଆଦିବାର ଆଜି ମାଂସାହାର ଦିନ ଭାବରେ ବଦଳିଯିବା ସ୍ଥଳେ, ଅର୍ଥଯୁକ୍ତ ଇନ୍ଦୁ ଶବ୍ଦ ମଧ୍ୟ ହିନ୍ଦୁଶବ୍ଦ ଭାବରେ ବଦଳିଯାଇଛି । ଇନ୍ଦୁର ପରମ୍ପରାକୁ ଜାଣି ନପାରିବା ସ୍ଥିତିରେ ଆଜିର ହିନ୍ଦୁମାନେ ରହିଛନ୍ତି । ସାଧାରଣ ମଣିଷଙ୍କ ବ୍ୟତୀତ ସ୍ୱାମୀଜୀମାନେ ମଧ୍ୟ ଦୈବଧର୍ମ କ'ଣ, ଜ୍ଞାନର ପରମ୍ପରା କ'ଣ ନଜାଣିବା ଦ୍ୱାରା କେତେକ ହିନ୍ଦୁମାନେ ପରମତପ୍ରେମୀ ହୋଇ ଯାହା ଏଠାରେ ନାହିଁ ତାହା ଅନ୍ୟ ମତାବଲମ୍ବୀ ମାନଙ୍କ ଭିତରେ ଅଛି ଭାବି ନିଜର ମତ (ଧର୍ମ) ବଦଳାଇ ଦେଉଛନ୍ତି । **ଦେଶଗୁଡିକର ଆଦର୍ଶ ହୋଇଥିବା ଜ୍ଞାନମୟ ଇନ୍ଦୁଦେଶକୁ, ଶତ ପ୍ରତିଶତ ଜ୍ଞାନବାଣୀ ଥିବା ଭଗବଦ୍ଗୀତା ଜନ୍ମହୋଇଥିବା ଦେଶର ଇନ୍ଦୁମତ (ହିନ୍ଦୁଧର୍ମ)କୁ ଛାଡି ଆଜି ଅନେକ ଲୋକ ପରମତ ସ୍ୱୀକାର କରୁଛନ୍ତି । ଇନ୍ଦୁମତ ବାସ୍ତବରେ ଏକ ଖଣି ଭଳି, ଇତର ମତ ନିଧି (ଧନ) ଭଳି ବୋଲି ନଜାଣି ଅନେକ ଲୋକ ମତ ବଦଳାଇଦେଉଛନ୍ତି । ଖଣିରୁ ଯାହା ମିଳୁଛି ତାହା ନେଇ ଯଦି ଅନ୍ୟ ସ୍ଥାନରେ ରଖିବା ତେବେ ତାହା ଧନ ହେବ । ଇନ୍ଦୁତ୍ୱ ନାମକ ଖଣିରୁ ଜନ୍ମ ହୋଇଥିବା ଜ୍ଞାନ ବାହାରକୁ ଯାଇ ଅନ୍ୟ ମତର ଧନ ଭାବରେ ରହିଛି ବୋଲି ଯେଉଁମାନେ ଜାଣି ନାହାନ୍ତି ସେମାନେ ଅନ୍ୟ ମତ ଉପରେ ଲାଳାୟୀତ ହୋଇଥାନ୍ତି । ଖଣିରୁ ଖୋଳିବା କ୍ରମେ ନିଧି ମିଳିଥାଏ, ନିଧିକୁ ଖୋଳିଲେ ଦିନେ ମାତ୍ର ମିଳିଥାଏ । ତେଣୁ ଖଣି ଶାଶ୍ୱତ, ନିଧି ଅଶାଶ୍ୱତ ବୋଲି କହି**

**ପାରିବା । କୌଣସି ବ୍ୟକ୍ତି ପାଇଁ ତାର ମତ ହିଁ ଏକ ଖଣି ଭଳି । ପରମତ ନିଧି ଭାବରେ ରହିଥାଏ । ଖଣିରେ ନିଧି ବା ଧନ ମିଳିନଥାଏ ସିନା ନିଧିରୁ ଯାହା ମିଳିଥାଏ ତାହା ନିଧିର ନୁହେଁ ଖଣିର । ତେଣୁ ନିଜର ମତ ବା ଧର୍ମକୁ ବଦଳାଇବା ଦୈବଦ୍ରୋହ ବୋଲି ଆମକୁ କହିବାକୁ ପଡୁଛି । ("ମତ ପରିବର୍ତ୍ତନ କରିବା ଦୈବଦ୍ରୋହ" ନାମକ ଆମ ରଚନାର ଗ୍ରନ୍ଥ ପାଠକରନ୍ତୁ ।)**

କୋଟି କୋଟି ବର୍ଷ ପୂର୍ବେ ତିଆରି ହୋଇଥିବା ଆଦିବାରକୁ ମାତ୍ର କେତେଶହ ବର୍ଷ ପୂର୍ବେ ତିଆରି ହୋଇଥିବା ମତ ବଦଳାଇ ପାରି ନାହିଁ । ତେଣୁ ଭାରତରେ ମଧ୍ୟ ଆଦିବାର ଆଜି ମଧ୍ୟ ମୁଖ୍ୟଦିନ ହୋଇ ରହିଛି । ସାରା ଦୁନିଆରେ ଆଦିବାର ମୁଖ୍ୟଦିନ ଭାବେ ପରିଗଣିତ ହେଉଛି । ଆଦିବାର ଗ୍ରହମୁଖ୍ୟ ସୂର୍ଯ୍ୟଙ୍କୁ ଆଧାର କରି, ପ୍ରଥମ ଆତ୍ମା ଜୀବାତ୍ମା ପାଇଁ ଜ୍ୟୋତିଷଶାସ୍ତ୍ରକୁ ଇନ୍ଦୁମାନେ ତିଆରି କରିଥିଲେ । ଷଡଶାସ୍ତ୍ର ଭିତରୁ ଗୋଟିଏ ହୋଇଥିବା ଜ୍ୟୋତିଷଶାସ୍ତ୍ରର ଉତ୍ପତ୍ତି ମଧ୍ୟ ମଣିଷର ମୁଣ୍ଡରେ ଆଦିବାର ଦିନ ଜନ୍ମ ହୋଇଥିଲା । ଆଦିବାର ଦିନ ଜନ୍ମ ହୋଇଥିବା ଜୀବକୁ ଆଦିବାର ଦିନ ଜନ୍ମ ହୋଇଥିବା ଜ୍ୟୋତିଷଶାସ୍ତ୍ର ତାର କର୍ମ ବାବଦରେ ଜଣାଇ ଦେଇଥାଏ । ଏହିଭଳିଅନେକ କୋଣରୁ ଆଦିବାର ଏକ ମୁଖ୍ୟଦିନ ଭାବେ ଚିହ୍ନିତ ହୋଇଛି । ଦୁନିଆରେ ଉତ୍ତର, ଦକ୍ଷିଣ ଧୃବରେ ବ୍ୟାପି ରହିଥିବା ଚୁମ୍ବକୀୟଶକ୍ତି ଆଦିବାର ଦିନ ମଣିଷ ଉପରେ, ପଞ୍ଚଭୂତ ଉପରେ ପ୍ରଭାବ ପକାଇଥାଏ । ଯଦି ରବିବାର ଦିନଟି ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ତିଥିରେ ଆସେ ତେବେ ସେଦିନ ବ୍ୟାପି ରହିଥିବା ଚୁମ୍ବକୀୟଶକ୍ତିର ପ୍ରଭାବ ଅଧିକ ରହିଥାଏ । ଆଦିବାର ବା ରବିବାର ଅଭୌତିକ ସୂକ୍ଷ୍ମମାନଙ୍କ ପାଇଁ ଶକ୍ତିବନ୍ତ ଦିନ ଭାବେ ରହିଥାଏ ବୋଲି ପୂର୍ବଜମାନେ ଜାଣିଥିଲେ । ଏହିଭଳି ସ୍ଥୁଳ, ସୂକ୍ଷ୍ମ ଭାବେ ଆଦିବାର ବିଶେଷତା ସବୁ ଦିଗରୁ ରହିଛି ବୋଲି ଜାଣିବା ଉଚିତ୍ ।

# ସୋମବାର

ଗୋଟିଏ ଦେଶରେ ଗୋଟିଏ ପ୍ରଭୁତ୍ୱ (ଆଧିପତ୍ୟ) ରହିଥାଏ । ତେଣୁ ପ୍ରଭୁ କହିଲେ ରାଜା । ପ୍ରଭୁଙ୍କ ଦ୍ୱାରା ପାଳିତ ହେଉଥିବାରୁ ତାହାକୁ ପ୍ରଭୁତ୍ୱ କୁହାଯାଏ । ବାହ୍ୟ ସମାଜରେ ସରକାର ବା ଦେଶର ରାଜା ଏବଂ ତାଙ୍କର ଆଧିପତ୍ୟ ଥିବା ଭଳି, ଦେହଭିତରେ ମଧ୍ୟ ଦୈବ, ଦୈବତ୍ୱ ରହିଥାଏ । ଦେଶରେ ଥିବା ରାଜାଙ୍କର ଶାସନ ବ୍ୟବସ୍ଥାଟିଏ ଥିବା ଭଳି ଦେହରେ ଦୈବତ୍ୱର ମଧ୍ୟ ଧର୍ମ ରହିଥାଏ । ଦେଶର ଶାସନ ବ୍ୟବସ୍ଥାକୁ ଜଣାଇଥାଏ ନ୍ୟାୟ । ସେହିଭଳି ଦେହ ଭିତରେ ଧର୍ମକୁ ଜଣାଇଥାଏ ଜ୍ଞାନ । ଶାସନ ବ୍ୟବସ୍ଥା ବାବଦରେ ଜାଣିବାକୁ ହେଲେ ନ୍ୟାୟଶାସ୍ତ୍ର ପଢିବାକୁ ହୋଇଥାଏ । ସେହିଭଳି ଧର୍ମକୁ ଜାଣିବାକୁ ହେଲେ ଜ୍ଞାନ ରହିଥିବା ଯୋଗଶାସ୍ତ୍ର ପଢିବାକୁ ହୋଇଥାଏ । ନ୍ୟାୟଶାସ୍ତ୍ର ଏଲ୍. ଏଲ୍. ବି. ପୁସ୍ତକଗୁଡ଼ିକରେ ରହିଥାଏ ଏବଂ ତାହା ବୋଧ କରିବା ପାଇଁ ପ୍ରଫେସରମାନେ ରହିଥାନ୍ତି । ସେହିଭଳି ଜ୍ଞାନ ବିଶିଷ୍ଟ ଯୋଗଶାସ୍ତ୍ର ଭଗବଦ୍ଗୀତା ରୂପେ ରହିଥାଏ ଏବଂ ତାହାକୁ ବୋଧକରିବା ପାଇଁ ସ୍ୱାମୀଜୀ (ଯୋଗୀ)ମାନେ ରହିଥାନ୍ତି । ଦେଶରେ ନ୍ୟାୟର ଅଧିପତି ଭାବରେ ନ୍ୟାୟଶାଖା ମନ୍ତ୍ରୀ ରହିଥାନ୍ତି । ସେହିଭଳି ଦେହରେ ଜ୍ଞାନର ଅଧିପତି ହୋଇ ଚନ୍ଦ୍ର ରହିଥାଏ । ଏହି ବିଷୟକୁ ନିମ୍ନମତେ ଦେଖନ୍ତୁ ।

| **ଦେଶରେ** | **---** | **ଦେହରେ** |
|---|---|---|
| **ଦେଶ** | | **ଦେହ** |
| **ପ୍ରଭୁତ୍ୱ** | | **ଦୈବତ୍ୱ** |
| **ପ୍ରଭୁ** | | **ପରମାତ୍ମା** |
| **ଶାସନ ବ୍ୟବସ୍ଥା** | | **ଧର୍ମ** |
| **ନ୍ୟାୟ** | | **ଜ୍ଞାନ** |

| | |
|---|---|
| **ନ୍ୟାୟଶାସ୍ତ୍ର** | **ଯୋଗଶାସ୍ତ୍ର** |
| **ଏଲ୍.ଏଲ୍.ବି.** | **ଭଗବଦ୍ଗୀତା** |
| **ପ୍ରଫେସରମାନେ** | **ସ୍ୱାମୀଜୀ (ଯୋଗୀ)ମାନେ** |
| **ମନ୍ତ୍ରୀ** | **ଚନ୍ଦ୍ର (ଇନ୍ଦୁ)** |

ବାହ୍ୟତଃ ଦେଶରେ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରେ, ସରକାର ବା ରାଜା ବଦଳି ପାରନ୍ତି, କିନ୍ତୁ ଭିତର ଦେହ, ଧର୍ମ, ଦୈବତ୍ୱ କଦାପି ବଦଳିନଥାଏ । ସେଥିଲାଗି ଯାହା ବାହାରେ ଅଛି ତାହା ଅଶାଶ୍ୱତ, ଯାହା ଭିତରେ ଅଛି ତାହା ଶାଶ୍ୱତ ବୋଲି ବଡମାନେ କହିଥାନ୍ତି । ବାହାରର ପ୍ରଭୁମାନେ ଏବଂ ସେମାନଙ୍କ ପ୍ରଭୁପଣିଆ ଅଶାଶ୍ୱତ, ଭିତରର ପ୍ରଭୁ ଏବଂ ତାଙ୍କ ପ୍ରଭୁପଣିଆ ଶାଶ୍ୱତ ବୋଲି ମନେ ରଖିବା ଉଚିତ । ଶାଶ୍ୱତ ଈଶ୍ୱରଙ୍କ ପାଇଁ ତାଙ୍କର ଧର୍ମକୁ, ତାଙ୍କର ଧର୍ମପାଇଁ ଜ୍ଞାନକୁ ଜାଣିବା ଉଚିତ୍ । ଜ୍ଞାନର ଅଧିପତି ଚନ୍ଦ୍ର ବୋଲି ଜାଣିଛେ, ଚନ୍ଦ୍ରଙ୍କୁ ଇନ୍ଦୁ କିମ୍ବା ସୋମ କୁହାଯାଏ । ପ୍ରଥମଦିନ ହୋଇଥିବା ଆଦିବାରରେ ସୃଷ୍ଟି କାର୍ଯ୍ୟ ହେବା ପରେ ଦ୍ୱିତୀୟ ଦିନ ଜ୍ଞାନ ଜଣାପଡିଥିଲା । ତେଣୁ ଦ୍ୱିତୀୟ ଦିନର ଅଧିପତି ହୋଇଥିବା ଚନ୍ଦ୍ରଙ୍କ ନାମ ଅନୁସାରେ ଇନ୍ଦୁବାର ବା ସୋମବାର କୁହାଯାଏ । ଏହିଭଳି ସୃଷ୍ଟି ପରେ ଦ୍ୱିତୀୟ ଦିବସଟି ଜ୍ଞାନଦିବସ ଭାବେ ପରିଗଣନା କରାଯାଏ ।

ପ୍ରତ୍ୟେକ ମଣିଷ ନିଜର ମୁଣ୍ଡ ପାଇଁ ଜ୍ଞାନାର୍ଜନ କରିବା ବିଧେୟ, ହେଲେ ମଣିଷର ମୁଣ୍ଡରେ ସମ୍ପୂର୍ଣ୍ଣ ଭାବରେ ଜ୍ଞାନ ଏକକାଳୀନ ପ୍ରବେଶ କରିନଥାଏ । ପ୍ରଥମେ କିଛି ଜ୍ଞାନ ଗ୍ରହଣ କରିବା ପରେ ସୃଷ୍ଟି ହୋଇଥିବା ଜ୍ଞାନାଗ୍ନିକୁ ଦିନକୁ ଦିନ ଅଭିବୃଦ୍ଧି କଲେ ଦିନେ ସମ୍ପୂର୍ଣ୍ଣ ଜ୍ଞାନ ଜଣାପଡିଥାଏ । ଜ୍ଞାନ ସମୁଦ୍ର ଭଳି । ଜ୍ଞାନକୁ ଏତିକି ଦିନ ଭିତରେ ଶିଖିବି ବା ଜାଣିବି ବୋଲି କେହି କହିପାରିବ ନାହିଁ । ଜ୍ଞାନକୁ କାଳ କ୍ରମରେ ଅଭିବୃଦ୍ଧି କରିବାକୁ ହୋଇଥାଏ ସିନା ତାର ଅନ୍ତ ନଥାଏ । ତେଣୁ ସର୍ବଦା

ଜ୍ଞାନ ଆହରଣ କରୁଥିବା ଉଚିତ୍ ହୋଇଥିବାରୁ ଜ୍ଞାନକୁ ଅଭିବୃଦ୍ଧି ହେଉଥିବା କ୍ରମବର୍ଦ୍ଧିଷ୍ଣୁ ଚନ୍ଦ୍ରଙ୍କ ସହିତ ତୁଳନା କରାଯାଇଛି । ମଣିଷକୁ ନିଜର ମୁଣ୍ଡରେ ହିଁ ଜ୍ଞାନର ଅଭିବୃଦ୍ଧି କରିବାକୁ ହୋଇଥାଏ, ତେଣୁ ମାନବାକାରରେ ଥିବା ଶଙ୍କର ମଧ୍ୟ ନିଜର ମୁଣ୍ଡରେ ଅଭିବୃଦ୍ଧି ହେଉଥିବା ଜ୍ଞାନର ଚିହ୍ନ ଭାବରେ ଅର୍ଦ୍ଧଚନ୍ଦ୍ର ସଙ୍କେତକୁ ଧାରଣ କରି ଦର୍ଶାଇଥିଲେ । ଏହିଭଳି ଚନ୍ଦ୍ର ଜ୍ଞାନର ଚିହ୍ନ ଭାବରେ ରହିଛନ୍ତି । ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଚନ୍ଦ୍ରଙ୍କୁ ଜ୍ଞାନର ସଙ୍କେତ ଭାବରେ ନିଆଯାଇଛି । ସେହି ଆଧାରରେ ଜ୍ଞାନ ଥିବା ଦେଶକୁ ଇନ୍ଦୁଦେଶ ବୋଲି ଜ୍ଞାନୀମାନେ ନାମକରଣ କରିଥିଲେ । ସୃଷ୍ଟି ପ୍ରାରମ୍ଭର ଦ୍ୱିତୀୟ ଦିବସରେ ମଣିଷକୁ ଜ୍ଞାନ ଜଣାପଡିଥିଲା । ତେଣୁ ସେହି ଦ୍ୱିତୀୟ ଦିବସକୁ ଇନ୍ଦୁଦିନ ବା ସୋମବାର ବୋଲି କହୁଛେ । ଇନ୍ଦୁଦେଶରେ ଇନ୍ଦୁବାରଟି ଜ୍ଞାନ ଦୃଷ୍ଟିରୁ ଅତି ମୁଖ୍ୟବାର କହିଲେ ଅତ୍ୟୁକ୍ତି ହୁଏ ନାହିଁ । ସେଥିଲାଗି ଇନ୍ଦୁବାର ହୋଇଥିବା ସୋମବାର ଜ୍ଞାନାଭିବୃଦ୍ଧିର ଦିନ ଭାବେ ପରିଗଣିତ ହୋଇଥାଏ । କାଳକ୍ରମେ ଅଜ୍ଞାନତାର ପ୍ରଭାବରେ ସୋମବାର ଜ୍ଞାନର ଚିହ୍ନ ବୋଲି କେହି ଜାଣିପାରୁ ନାହାନ୍ତି ।

ଇନ୍ଦୁଦେଶ ଭାରତରେ ଇନ୍ଦୁତ୍ୱ (ଜ୍ଞାନ) ଜଣା ନଥିବା ଇନ୍ଦୁମାନେ ଆମେ ହିଁ ଦିନେ ଇନ୍ଦୁ ଥିଲୁ ବୋଲି ଜାଣି ନପାରି, ମୁନ୍‌ଡେ ମଣ୍ଡେ ହୋଇଯିବା ଭଳି ନିଜକୁ ଇନ୍ଦୁ ବଦଳରେ ହିନ୍ଦୁ କହୁଛନ୍ତି । ଜ୍ୟୋତିଷ ଶାସ୍ତ୍ରରେ "ଜାପଥକ" ନାମକ ଶବ୍ଦରେ ଜା ପାଖରେ ଥିବା "ପ" ନାମକ ଅକ୍ଷରକୁ କାଢିଦେଇ ଜାତକ କହୁଥିବା ଭଳି ଅନ୍ୟ ଦେଶଗୁଡିକରେ ୨ୟ ଦିନ ହୋଇଥିବା ଚନ୍ଦ୍ରଙ୍କ ଦିନକୁ ଯେଉଁମାନେ ମୁନ୍‌ଡେ (Moon Day) କହୁଥିଲେ ସେମାନେ M ପାଖରେ ଥିବା ଦୁଇଟି "O" ରୁ ଗୋଟିଏକୁ କାଢିଦେଇ ମନ୍‌ଡେ (Mon day) କହୁଛନ୍ତି । ଅନ୍ୟ ଦେଶରେ କେବଳ "O" କୁ କାଢିଦେବା ସ୍ଥଳେ ଆମ ଦେଶରେ ଏକାବେଳେ ଗୋଟିଏ ଅକ୍ଷରକୁ କାଢିଦେଇ "ଇ" ବଦଳରେ "ହି" କହୁଥାଇ ଇନ୍ଦୁ ଦେଶକୁ

ହିନ୍ଦୁଦେଶ  କହୁଛନ୍ତି । ପୂର୍ବେ ଆମେ ଜ୍ଞାନୀ କୁହାଯାଉଥିବା ଇନ୍ଦୁ ହୋଇ ରହିଥିଲେ ବୋଲି କହିଲେ ମଧ୍ୟ ଶୁଣୁନଥିବା ହିନ୍ଦୁମାନେ ଆଜି ଦୈବଭକ୍ତ ବଦଳରେ ଦେଶଭକ୍ତ ହୋଇ ସତ୍ୟ କହୁଥିବା ଆମ ଭଳି ଲୋକମାନଙ୍କୁ ମଧ୍ୟ ହିସାବରେ ଆଣୁନାହାନ୍ତି ।

ଜ୍ଞାନରେ ଅନ୍ୟ ଦେଶଗୁଡିକ ଅପେକ୍ଷା ଉନ୍ନତ ସ୍ଥିତିରେ ରହି ଇତର ଦେଶଗୁଡିକ ଦ୍ୱାରା ଇନ୍ଦୁଦେଶ କୁହାଯାଉଥିବା ଆମ ଦେଶର ପୂର୍ବ ଗୌରବ, ପୂର୍ବ ମହିମାକୁ ଫେରାଇ ଆଣିବାକୁ ହେଲେ ଆମେ ପୁନର୍ବାର ଇନ୍ଦୁ ଭାବରେ ବଦଳିବାକୁ ପଡିବ । ଆମର ଏହି ପରିବର୍ତ୍ତନ ପାଇଁ ପ୍ରଥମେ ଏହି ସୋମବାରର ମହିମା କ'ଣ ଜାଣିବାକୁ ପଡିବ । ପ୍ରଥମ ଦିବସଟି ସୃଷ୍ଟି ପ୍ରାରମ୍ଭକୁ ସୂଚିତ କରୁଥିବା ସ୍ଥଳେ, ଦ୍ୱିତୀୟ ଦିବସଟି ଦୈବ ବା ଈଶ୍ୱରଙ୍କୁ ସୂଚିତ କରୁଥିବା ଦୈବଧର୍ମର, ଜ୍ଞାନର ଚିହ୍ନ ଭାବରେ ରହିଛି ବୋଲିଜାଣିବା ଉଚିତ୍ । ଜୀବନରେ ତିନିଗୋଟି ଦିନ ଅତି ମୁଖ୍ୟ ଦିନ । ଗୋଟିଏ ହେଲା ଜନ୍ମ, ଦ୍ୱିତୀୟଟି ଜୀବନ ତଥା ତୃତୀୟଟି ହେଉଛି ମରଣ । ଏହି ତିନି ଦିନର  ସଙ୍କେତ  ଭାବରେ ତ୍ରିମୂର୍ତ୍ତି କୁହାଯାଉଥିବା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବୋଲି କୁହାଯାଇଛି । ଜ୍ଞାନର ଅଧିପତି ଚନ୍ଦ୍ର ହେବା ଭଳି, ଜନ୍ମ ପାଇଁ ବ୍ରହ୍ମା, ଜୀବନ ପାଇଁ ବିଷ୍ଣୁ ଏବଂ ମରଣ ପାଇଁ ମହେଶ୍ୱରଙ୍କୁ ଅଧିପତି ଭାବେ ନିଆଯାଇଛି । ସପ୍ତାହର ଏହି ତିନି ମୁଖ୍ୟ ଦିବସଗୁଡିକ ସପ୍ତାହର ଆରମ୍ଭରୁ କ୍ରମ ଅନୁଯାୟୀ ରହିଛି, ତନ୍ମଧ୍ୟରୁ ଦ୍ୱିତୀୟଟି ହେଉଛି ଇନ୍ଦୁବାର (ସୋମବାର) । କାଳ  ଗମନରେ ରବିବାର ଦିନ ଆସୁଥିବା ଅମାବାସ୍ୟା ଆଉ ପୂର୍ଣ୍ଣିମା ମଧ୍ୟ ଖୁବ୍ ବଳଶାଳୀ । ଆଦିବାର ଦିନ ଆସୁଥିବା ଅମାବାସ୍ୟା ଯେଉଁଭଳି ଶକ୍ତିବନ୍ତ ହୋଇଥାଏ, ସେହିଭଳି ସୋମବାର ଦିନ ଆସୁଥିବା ପୂର୍ଣ୍ଣିମା ମଧ୍ୟ ଶକ୍ତିପୂର୍ଣ୍ଣ ହୋଇ ରହିଥାଏ ।

# ମଙ୍ଗଳବାର

ମଙ୍ଗଳ କହିଲେ ଶୁଭପ୍ରଦ । ଦୁନିଆରେ ସବୁଠାରୁ ମଙ୍ଗଳପ୍ରଦ କଣ ବୋଲି ପ୍ରଶ୍ନକରି ଦେଖିଲେ ଏକୈକ ଈଶ୍ୱର ବା ଦୈବ ବୋଲି କହି ପାରିବା । ଦୈବଙ୍କୁ କାଳ ମଧ୍ୟ କୁହାଯାଏ । କାଳ କହିଲେ ବିନାଶ ବୋଲି ମଧ୍ୟ ଅର୍ଥ ମିଳିଥାଏ । ଶେଷରେ ମଙ୍ଗଳ କହିଲେ ନାଶନ ବା ବିନାଶ କହିଲେ ମଧ୍ୟ ଆଧ୍ୟାତ୍ମିକ ଦୃଷ୍ଟିରୁ ଏଇଭଳି କହିବାକୁ ପଡିଥାଏ । ତେଣୁ ମଙ୍ଗଳ କହିଲେ ବିନାଶର ଦିନ । **ଆଦିବାର ସୃଷ୍ଟିର, ସୋମବାର ସ୍ଥିତିର, ମଙ୍ଗଳବାର ଲୟର ଚିହ୍ନ ହୋଇ ରହିଛି** ବୋଲି ପୂର୍ବରୁ ଜ୍ଞାନୀମାନଙ୍କ ଦ୍ୱାରା କଥିତ ହୋଇଆସୁଛି । ଏଇଠାରେ କିଛି ସନ୍ଦେହ ଉତ୍ପତ୍ତି ହୋଇ ସୃଷ୍ଟି, ସ୍ଥିତି, ଲୟ ପାଇଁ ଯଦି ତିନିଗୋଟି ଦିନ ସଙ୍କେତ ଭାବରେ ରହିଛି ତେବେ, ଲୟ ସମ୍ବନ୍ଧୀୟ ଦିନରେ ଅର୍ଥାତ୍ ବିନାଶ ସମ୍ବନ୍ଧୀୟ ଦିନରେ କେହି ଦୁଃଖବୋଧ କରିବ ସିନା, ସେଦିନକୁ ମଙ୍ଗଳପ୍ରଦ ଦିନ ବୋଲି କିପରି କହିବା ? ବୋଲି ପଚାରି ପାରନ୍ତି । ସେଥିପାଇଁ ଆମ ତରଫରୁ ସମାଧାନ ହେଉଛି ! ବିନାଶର ପ୍ରକୃତ ଅର୍ଥକୁ ନଜାଣି ଗୁଣ ପ୍ରଭାବରେ ଅନେକ ଲୋକ ଦୁଃଖ ଭୋଗ କରୁଥାଇ ପାରନ୍ତି, କିନ୍ତୁ ବିନାଶର ଅର୍ଥ ଜାଣିଯିବା ପରେ କେହି ଦୁଃଖିତ ହୁଅନ୍ତି ନାହିଁ । ଉଦାହରଣ ସ୍ୱରୂପ ଜଣେ ମୃତ୍ୟୁବରଣ କଲେ ସେ ତୋର ଜଣେ ନିକଟ ସମ୍ପର୍କୀୟ ହୋଇଥିବାରୁ ତା ପାଇଁ ତୁ ଦୁଃଖିତ ହେଉଛୁ, କିନ୍ତୁ ମୃତ୍ୟୁବରଣ କରିଥିବା ସେ ବ୍ୟକ୍ତିର ବିନାଶ ହୁଏ ନାହିଁ, ତାର କେବଳ ରୂପାନ୍ତର ହୋଇଛି, ବାସ୍ତବରେ ସେ ବିନାଶ ହୋଇ ନାହିଁ । ଯେଉଁ ଦୁଃଖ ଆସିଥାଏ ତାହା ବିନାଶ ହୋଇଗଲା ବୋଲି ନୁହେଁ କେବଳ ତାର ମରଣ ହୋଇଗଲା ବୋଲି ଆସିଥାଏ । ଏଇଭଳି ଦେଖିଲେ ବାସ୍ତବରେ କେହି ମଧ୍ୟ ଜଣେ ବିନାଶ ହୋଇଗଲା ବୋଲି ଦୁଃଖ କରେ ନାହିଁ କେବଳ ତାର ଆକାର ବଦଳିଯିବାରେ ଦୁଃଖ କରିଥାଏ । ସଜୀବ ହେଉ କି ନିର୍ଜୀବ ହେଉ ତାହା ରୂପାନ୍ତର ହେବାବେଳେ ବିନାଶ ହୋଇଗଲା ବୋଲି ଭାବିବା ଉଚିତ୍ ନୁହେଁ । ସବୁକିଛି ବଦଳିଥାଏ ସିନା କିଛି ମଧ୍ୟ ବିନାଶ ହୋଇନଥାଏ ।

ସବୁକିଛି ସବୁ କ୍ଷଣରେ ପରିବର୍ତ୍ତନ ହେଉଥାଏ, କିନ୍ତୁ ବିନାଶ ଖୁବ୍ କ୍ୱଚିତ୍ ଘଟିଥାଏ । ବିନାଶ କେବଳ ଜୀବରାଶି ସମ୍ବନ୍ଧୀୟ ସିନା ଜୀବବିହୀନ ସହିତ ସମ୍ବନ୍ଧୀତ ନୁହେଁ । ଗୋଟିଏ ଜୀବ ଦିନେନା ଦିନେ ବିନାଶ ହୋଇପାରେ, କିନ୍ତୁ ଗୋଟିଏ ବସ୍ତୁ କେବେ ମଧ୍ୟ ବିନାଶ ହୋଇନଥାଏ ।

ମୁଖ୍ୟ ସମସ୍ୟା ହେଉଛି ବିନାଶ କଣ, ମେଧାବୀମାନଙ୍କୁ ମଧ୍ୟ ଜଣାନଥାଏ । ପରିବର୍ତ୍ତନ ବା ମରଣକୁ ସମସ୍ତେ ବିନାଶ ଭାବିଥାନ୍ତି । କିନ୍ତୁ ମରଣ ଏକ ଶରୀର ପରିବର୍ତ୍ତନ ସିନା, ବିନାଶ ନୁହେଁ ବୋଲି ଜାଣିପାରୁ ନାହାନ୍ତି । ଉଦାହରଣ ସ୍ୱରୂପ ଖଣ୍ଡେ କାଠ ଜଳି ପାଉଁଶ ହୋଇପାରେ । ପାଉଁଶ ହେଲେ ତାହା ପାଉଁଶ ଭାବରେ ବଦଳିଲା କହିପାରିବା । ଗମ୍ଭାରୀ କାଠ ଖଣ୍ଡେ ଜଳି ପାଉଁଶ ହୋଇଗଲେ ତାହା ଗମ୍ଭାରୀ କାଠର ପାଉଁଶ ବୋଲି କହିପାରିବା କାରଣ ! ଗମ୍ଭାରୀ କାଠର ପାଉଁଶରେ କିଛି ବିଶେଷତା ରହିଥାଏ । ଗମ୍ଭାରୀ କାଠ ଜଳି ତାର ସ୍ଥିତି ହରାଇବା ବେଳେ ତାହା ବିନାଶ ହୋଇଗଲା ବୋଲି କହିହେବ, କିନ୍ତୁ ତାର କିଛି ବିଶେଷତା ବଳକା ରହିଯାଇଥିବାରୁ ତାହା ବିନାଶ ହୋଇ ନାହିଁ କହିପାରିବା । ଏଭଳି କୌଣସି ବସ୍ତୁ ବିନାଶ ହୋଇନଥାଏ । କେବଳ ଶରୀର ଧାରଣ କରିଥିବା ଜୀବର ବିନାଶ ହୋଇପାରେ । ଗୋଟିଏ ଜୀବ ବିନାଶ ହେବା ପାଇଁ ଅନେକ ଶ୍ରମ କରିବାକୁ ପଡିଥାଏ, ଯୋଗ ଆଚରଣ କରିବାକୁ ପଡିଥାଏ । ଜୀବ ଇଚ୍ଛାକରି ବ୍ୟାକୁଳ ନହେବା ଯାଏଁ ତାର ବିନାଶ ସମ୍ଭବ ହୋଇନଥାଏ । ବିନାଶ ବାବଦରେ ଚିନ୍ତାକଲେ ତାହା ବାସ୍ତବରେ ଏକ ମହାନ ବିଷୟ, ପବିତ୍ର ବିଷୟ କିମ୍ବା ଶୁଭପ୍ରଦ ବିଷୟ ବୋଲି ଜଣାପଡେ । ତେଣୁ ନାଶନ ବା ବିନାଶ କହିଲେ କାଳ, କାଳ କହିଲେ ଦୈବ ବା ଈଶ୍ୱର, ଦୈବ କହିଲେ ଯାହା ଶୁଭପ୍ରଦ ବା ମଙ୍ଗଳ ବୋଲି କହିପାରିବା । ତେଣୁ ଜୀବ ବିନାଶ ହେଉଥିବା ଦିନକୁ ମଙ୍ଗଳବାର ନାମ ଦିଆଯାଇଛି ।

ଆଧ୍ୟାତ୍ମିକ ଜ୍ଞାନକୁ ଜାଣିଥିବା ଲୋକମାନେ କେବଳ ରବି, ସୋମ, ମଙ୍ଗଳ ବାରର ବିଶେଷତାକୁ ଜାଣିଥାନ୍ତି । ଅନ୍ଧକୁ ରତ୍ନ ଦେଲେ ତାହାକୁ ସେ ଏକ ସାଧାରଣ ପଥର ଭାବିବା ଭଳି ଆତ୍ମଜ୍ଞାନ ଜଣାନଥିବା ଲୋକକୁ ରବି (ଆଦି), ସୋମ, ମଙ୍ଗଳ ବାରଗୁଡିକ କେବଳ ସାଧାରଣ ଦିନ ଭଳି ବୋଧହୋଇଥାଏ । ଜ୍ଞାନ ଅନୁସାରେ ଏହି ଆଦି, ସୋମବାରର ବିଶେଷତା ବାବଦରେ ଆଲୋଚନା କଲେ । ଏବେ ମଙ୍ଗଳବାର ବାବଦରେ ଜାଣିବା । ସୌରପରିବାରରେ ଥିବା ନବଗ୍ରହ ବାବଦରେ ଅନେକଙ୍କୁ ଜଣାଥାଏ । ଗ୍ରହମାନେ ନଅଗୋଟି ଥାଆନ୍ତି ବୋଲି ସମସ୍ତେ ଭାବିଥାନ୍ତି ସିନା ତାହା ଭ୍ରାନ୍ତ ବୋଲି ସହଜରେ କହିପାରିବା । ତାହା କିପରିନା ! ଏଇଠାରେ ଏକ ଛୋଟ ଉଦାହରଣ ନେବା । ପରମାନନ୍ଦ ଗୁରୁଙ୍କର ଦଶଜଣ ଶିଷ୍ୟ ଥିଲେ, ସେମାନେ ଦିନେ ନଦୀରେ ଗାଧୋଇ ସାରିବା ପରେ ସମସ୍ତେ ଅଛନ୍ତି କି ନାଇଁ ସେମାନଙ୍କ ଭିତରୁ ଜଣକୁ ଗଣିବା ପାଇଁ କୁହାଗଲା, ସେମାନଙ୍କ ଭିତରୁ ଜଣେ ଗଣିବା ବେଳେ ହିସାବରେ ନଅଜଣ ଅଛନ୍ତି । ତେଣୁ ଗଣୁଥିବା ଶିଷ୍ୟଜଣକ ଜଣେ ନାହିଁ ବୋଲି କହିଲା, କାରଣ ! ସେ ଏତେ ନିର୍ବୋଧ ଥିଲା ଯେ, ନିଜକୁ ଛାଡି ଅନ୍ୟମାନଙ୍କୁ ଗଣନା କରିଥିଲା ତେଣୁ ତା ହିସାବରେ ସେ ଠିକ୍ ଗଣନା କରିଥିଲେ ମଧ୍ୟ ବାସ୍ତବରେ ସେ ନିଜକୁ ଛାଡିଦେଇଥିଲା ବୋଲି ତାକୁ ଜଣା ନଥିଲା । ଠିକ୍ ସେହିଭଳି ସୌର ପରିବାରରେ ପୃଥିବୀ ଏକ ଗ୍ରହ ହୋଇଥିଲେ ମଧ୍ୟ ତାକୁ ଛାଡି ଗଣନା କରି ଗ୍ରହଗୁଡିକ କେବଳ ନଅଗୋଟି ଅଛନ୍ତି ବୋଲି ସମସ୍ତେ ଭାବିଥାନ୍ତି । ପୃଥିବୀ ମିଶାଇ ଗ୍ରହଗୁଡିକ ଦଶଗୋଟି, କିନ୍ତୁ ବାସ୍ତବରେ ମୋଟ ଗ୍ରହସଂଖ୍ୟା ୧୨ଗୋଟି । ତାହା **"ଜ୍ୟୋତିଷଶାସ୍ତ୍ର"**ରେ ବିପୁଳ ଭାବରେ ଆଲୋଚନା କରାଯାଇଛି, ସେ ବାବଦରେ ଆପଣ ପରେ ଜାଣି ପାରିବେ । ଏଠାରେ ସୌର ପରିବାରରେ ଗ୍ରହ ସଂଖ୍ୟା ନଅଗୋଟି କହିବା ଭ୍ରାନ୍ତ ବୋଲି ସୂଚିତ କରିବାକୁ ଯାଇ ଏହି ବିବରଣୀ ଦେବାକୁ

ପଡିଛି । (ସୂଚନା:- ସୌରପରିବାରର ଗଣନା ସ୍ଥଳ ଭେଦରେ ଭିନ୍ନ ଭିନ୍ନ ହୋଇଥାଏ, କେହି କେହି ସୂର୍ଯ୍ୟଙ୍କୁ ଛାଡି ଗଣନା କରିଥାନ୍ତି, କେହି କେହି ପୃଥିବୀକୁ ଛାଡି ଗଣନା କରିଥାନ୍ତି ।)

ପରିବାର ବା କୁଟୁମ୍ବ କହିଲେ, ଗୋଟିଏ ଦଳ ମିଶି ସମଷ୍ଟିବଦ୍ଧ ଭାବରେ ଜୀବନ ନିର୍ବାହ କରିବାକୁ ବୁଝାଇଥାଏ । ଏହି **"କୁଟୁମ୍ବ"** ନାମକ ଶବ୍ଦର ବ୍ୟାଖ୍ୟ ଆମରଚିତ **"ସୁବୋଧା"** ଗ୍ରନ୍ଥର **"ତୋ'ସଂସାର"** ନାମକ ଅଧ୍ୟାୟରେ ବିପୁଳ ଭାବରେ ଦିଆଯାଇଛି । ଗୋଟିଏ ଦେଶରେ ଯେତେ କୁଟୁମ୍ବ ରହିଥିଲେ ମଧ୍ୟ ସମସ୍ତେ ଏକ ସରକାରଙ୍କ ଅଧିନରେ ରହିଥାନ୍ତି । ସରକାରଙ୍କ ନୀତି ନିୟମକୁ ମାନି ସମସ୍ତଙ୍କୁ ରହିବାକୁ ପଡିଥାଏ । ସରକାରଙ୍କ ଶାସନ ବ୍ୟବସ୍ଥାକୁ କେହି ମଧ୍ୟ ଅମାନ୍ୟ ହୁଅନ୍ତି ନାହିଁ । ସେହିଭଳି ସମଗ୍ର ବିଶ୍ୱରେ ଅନେକ ଗ୍ରହକୁଟୁମ୍ବ ରହିଥାନ୍ତି । ଦେଶର ସମସ୍ତ କୁଟୁମ୍ବ ପାଇଁ ସରକାର ଏବଂ ସରକାରଙ୍କ ଆଧିପତ୍ୟ ବଡ ହୋଇ ରହିଥିବା ଭଳି, ବିଶ୍ୱରେ ଥିବା ଗ୍ରହ କୁଟୁମ୍ବମାନଙ୍କର ମଧ୍ୟ ଜଣେ ପ୍ରଭୁ ଏବଂ ତାଙ୍କର ପ୍ରଭୁତ୍ୱ ରହିଥାଏ । ତାହା ହିଁ **ଦୈବ ଆଉ ଦୈବତ୍ୱ** । ମନୁଷ୍ୟକୁଟୁମ୍ବ ସରକାର ବା ରାଜାଙ୍କ ଅଧିନରେ ଥିବା ଭଳି ଗ୍ରହକୁଟୁମ୍ବ ଦୈବ ବା ଈଶ୍ୱରଙ୍କ ଅଧିନରେ ରହିଥାଏ । ଦେଶର ସମସ୍ତ କୁଟୁମ୍ବର ଅଧିପତି ବା ସମସ୍ତଙ୍କଠାରୁ ବଡ ରାଜା ହେବାବେଳେ, ବିଶ୍ୱରେ ସମସ୍ତଙ୍କର ଅଧିପତି ବା ସମସ୍ତଙ୍କଠାରୁ ବଡ ଏକୈକ ଈଶ୍ୱର ରହିଥାନ୍ତି । ଦେଶରେ ରାଜା ସ୍ୱତନ୍ତ୍ର ଏବଂ ସମସ୍ତଙ୍କର ଅଧିପତି ହୋଇ କାହାର ଅଧିନରେ ନଥିବା ଭଳି ବିଶ୍ୱରେ ଦୈବ ବା ଈଶ୍ୱର ମଧ୍ୟ ସର୍ବସ୍ୱତନ୍ତ୍ର ହୋଇ କାହାର ଅଧିନରେ ରହିନଥାନ୍ତି । **"ଛତ୍ର"** କହିଲେ ଛତା । ଛତା ବର୍ଷା ଆଉ ଖରାରୁ ରକ୍ଷାକରେ । ଈଶ୍ୱର କାହାର ରକ୍ଷଣାବେକ୍ଷଣରେ ନଥାନ୍ତି । ତାଙ୍କର କୌଣସି ରକ୍ଷଣାବେକ୍ଷଣ ନଥିବାବେଳେ ତାଙ୍କୁ **"ନ ଛତ୍ର"** କୁହାଯାଏ । ନଛତ୍ର କୁହାଯାଉଥିବା ଦୈବଙ୍କର ଚିହ୍ନ ଭାବରେ ଆକାଶରେ ନକ୍ଷତ୍ର ରହିଥାଏ ।

ବାସ୍ତବରେ ନକ୍ଷତ୍ର ନାମକ ଶବ୍ଦ ପୂର୍ବେ ନଛତ୍ର ଭାବରେ କୁହାଯାଉଥିଲା । **କାଳକ୍ରମେ ନଛତ୍ର ନାମକ ଶବ୍ଦ ନକ୍ଷତ୍ର ହୋଇଯାଇଛି** । ନକ୍ଷତ୍ର (ତାରା) ଦୈବ ବା ଈଶ୍ୱରଙ୍କ ସଙ୍କେତ ବୋଲି ଏବେ ଜାଣିଲେ । ପ୍ରପଞ୍ଚର ଅନେକ ଦେଶରେ ଅନେକ ରାଜା ଥିବା ଭଳି, ବିଶ୍ୱରେ ଥିବା ଅନେକ ଗ୍ରହ କୁଟୁମ୍ବର ଅନେକ ନକ୍ଷତ୍ର ରହିଥାନ୍ତି ବୋଲି ବାହ୍ୟତଃ ଜଣାପଡିଥାଏ । **ପ୍ରଭୁ କହିଲେ ରାଜା କହିବା ଭଳି ନକ୍ଷତ୍ର କହିଲେ ଦୈବ ବା ଈଶ୍ୱର ବୋଲି ଜାଣିବା ଉଚିତ୍** । ଈଶ୍ୱର ମଙ୍ଗଳପ୍ରଦ ହୋଇଥିବାରୁ ତାଙ୍କୁ ମଙ୍ଗଳ କୁହାଯାଏ । ଯାହାକୁ ଫାଶୀଦଣ୍ଡ ଆଦେଶ ହୋଇଛି ସେ ଫାଶୀ ପାଇବା ଆଗରୁ ଦେଶର ରାଷ୍ଟ୍ରପତି ଯଦି ଗୋଟିଏ ଦସ୍ତଖତ୍ କରି ଦେଇଦିଅନ୍ତି ତେବେ ତା ଫାଶୀଦଣ୍ଡ ରଦ୍ଦ ହୋଇଯାଏ । ସେହିଭଳି ବିଶ୍ୱପତିଙ୍କ ସମ୍ମତି କ୍ରମେ କୌଣସି ଜୀବ ମଧ୍ୟ କର୍ମଦଣ୍ଡରୁ ମୁକୁଳିପାରିବ । **କର୍ମଦଣ୍ଡରୁ ଜୀବ ମୁକୁଳିଯିବାକୁ ମୋକ୍ଷ ବା ମୁକ୍ତି କୁହାଯାଏ** । ସେଥିଲାଗି ଈଶ୍ୱରଙ୍କୁ **ମୋକ୍ଷଦାତା ବା ମୁକ୍ତିଦାତା** କୁହାଯାଏ । ଜୀବ ଯେତେବେଳେ ବିନାଶ ହୋଇଥାଏ ସେତେବେଳେ ତାର ମୋକ୍ଷ ବା ମୁକ୍ତି ହୋଇଥାଏ । ସେଥିଲାଗି ଦୈବ ବା ଈଶ୍ୱରଙ୍କୁ **କାଳ** କୁହାଯାଇଥାଏ, ସେହିଭଳି **ମଙ୍ଗଳ** ବୋଲି କୁହାଯାଏ । ମଙ୍ଗଳମୟ ଈଶ୍ୱରଙ୍କ ସଙ୍କେତ ଭାବରେ ସପ୍ତାହର ଆରମ୍ଭ କ୍ରମରେ ଥିବା ତୃତୀୟ ଦିବସକୁ ମଙ୍ଗଳବାର ବୋଲି କହୁଛୁ । ଏ ପର୍ଯ୍ୟନ୍ତ ଦିଆଯାଇଥିବା ବିବରଣୀରୁ ମଙ୍ଗଳବାର ବାବଦରେ କିଛି ଜାଣିଲେ ।

ସେତେବେଳେ ଅର୍ଥାତ୍ ସୃଷ୍ଟି ଆଦିକାଳରେ “ରାମ” ନାମକ ଶବ୍ଦ ଈଶ୍ୱରଙ୍କ ନିମନ୍ତେ ବ୍ୟବହାର କରୁଥିଲେ । ଦଶରଥଙ୍କ ପୁତ୍ର ରାମ ଜନ୍ମହେବା ପୂର୍ବରୁ “ମରା” ନାମକ ଶବ୍ଦରୁ “ରାମ” ନାମକ ଶବ୍ଦର ଜନ୍ମ ହୋଇଥିଲା । ରାମ କିମ୍ବା ମରା ନାମକ ଶବ୍ଦଦୁଇଟି ଗୋଟିଏ ଅର୍ଥ ପ୍ରତିପାଦନ କରିଥାଏ । ଈଶ୍ୱରଙ୍କ ଅନ୍ୟ ନାମ ହୋଇଥିବା ରାମ ଶବ୍ଦ ଦଶରଥ ରାଜାଙ୍କର ପୁତ୍ରକୁ ଦିଆଯାଇଥିଲା । ତ୍ରେତାଯୁଗରୁ ଦଶରଥ ପୁତ୍ର ରାମଙ୍କ ନାମ ବ୍ୟବହାରରେ

ଆସିବା ସ୍ଥଳେ, ସତ୍ୟଯୁଗରୁ ଥିବା **ଆତ୍ମାରାମ** ଶବ୍ଦ ଲୁଚିଗଲା । ରାମ କହିଲେ ଦଶରଥଙ୍କ ପୁତ୍ର ରାମ ବୋଲି ସମସ୍ତେ ଜାଣନ୍ତି । ସେହିଭଳି ମଙ୍ଗଳ ନାମଟି ଦୈବ ସମ୍ବନ୍ଧୀୟ ହୋଇଥିବା ସ୍ଥଳେ ତାହା କାଳକ୍ରମେ ଲୋପପାଇ ମଙ୍ଗଳଗ୍ରହ ବୋଲି ଆଜି ସମସ୍ତେ ଭାବିବସିଛନ୍ତି । ମଙ୍ଗଳ ଗ୍ରହର ନାମ ଏହିଭଳି ଥିବାବେଳେ ତାହା ଈଶ୍ୱରଙ୍କ ଅନ୍ୟ ନାମ ବୋଲି କେହି ଜାଣିପାରି ନାହାନ୍ତି । ତେଣୁ ମଙ୍ଗଳ କହିଲେ ତାର ଏକାର୍ଥ ବୋଧ ଶବ୍ଦ ନଛତ୍ର ବା ନକ୍ଷତ୍ର ବୋଲି ନଭାବି ସମସ୍ତେ ମଙ୍ଗଳଗ୍ରହ ବୋଲି ଭାବୁଛନ୍ତି । ରାମ ଶବ୍ଦ କହିଲେ ସମସ୍ତେ ଦଶରଥ ପୁତ୍ର ରାମ ଭାବିବା ଭଳି ମଙ୍ଗଳ କହିଲେ ସମସ୍ତେ ମଙ୍ଗଳଗ୍ରହକୁ ମନେ ପକାଉଛନ୍ତି । ତେଣୁ କେତେକ ଆଦି (ରବି), ସୋମ, ମଙ୍ଗଳବାରର ଅଧିପତି ସୂର୍ଯ୍ୟ, ଚନ୍ଦ୍ର, ଏବଂ ମଙ୍ଗଳ ଗ୍ରହ ବୋଲି କହିଥାନ୍ତି । ବାସ୍ତବରେ ରବି, ସୋମ, ମଙ୍ଗଳବାରର ଅଧିପତି ସୂର୍ଯ୍ୟ, ଚନ୍ଦ୍ର ଏବଂ ନକ୍ଷତ୍ର ବୋଲି କହିବା ଉଚିତ୍ । ଜୀବାତ୍ମା, ଆତ୍ମା ଶରୀରରେ ରହିବା ବେଳେ ଆତ୍ମାଗୁଡିକ ଠାରୁ ପରମ ବା ଶ୍ରେଷ୍ଠ ଭାବରେ ଥିବା ଈଶ୍ୱର ଯେପରି ଶରୀରରେ ରହିଥାନ୍ତି, ସେହିଭଳି ସୂର୍ଯ୍ୟ, ଚନ୍ଦ୍ର ନାମକ ଦୁଇଟି ଗ୍ରହ ଆକାଶରେ ଥିବାବେଳେ ଗ୍ରହମାନଙ୍କଠାରୁ ଭିନ୍ନ ହୋଇଥିବା ଗ୍ରହ (ଅଗ୍ରହ) ବା ଗ୍ରହ କୁହାଯାଉ ନଥିବା ନଛତ୍ର (ନକ୍ଷତ୍ର) ମଧ୍ଧ ଆକାଶରେ ଅଛି । ସୂର୍ଯ୍ୟ, ଚନ୍ଦ୍ରଙ୍କଠାରୁ ଅତୀତ ହୋଇଥିବା ନକ୍ଷତ୍ର ଗ୍ରହ ହୋଇନଥିଲେ ମଧ୍ଧ ମଙ୍ଗଳ ନାମକ ଉପାଧିଧାରୀ ହୋଇ ନକ୍ଷତ୍ର ନାମରେ ରହିଛି, କିନ୍ତୁ ମଙ୍ଗଳ ନାମକ ଗ୍ରହ ରହିବା କାରଣରୁ ସମସ୍ତେ ତାକୁ ହିଁ ମନେ ପକାଉଛନ୍ତି ସିନା, ଆତ୍ମଜ୍ଞାନ ଅନୁସାରେ ମଙ୍ଗଳ କହିଲେ ଗ୍ରହ ନୁହେଁ ନକ୍ଷତ୍ର ବୋଲି ଜାଣିବା ଉଚିତ୍ । ଏହି ଅନୁସାରେ ଈଶ୍ୱରଙ୍କ ଚିହ୍ନ ଭାବରେ ନକ୍ଷତ୍ରକୁ, ନକ୍ଷତ୍ରର ଦିନ ଭାବରେ ମଙ୍ଗଳବାରକୁ ହିସାବ କରାଯାଇଥାଏ । ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଭିତରୁ ସୂର୍ଯ୍ୟ, ଚନ୍ଦ୍ରଙ୍କୁ ଗ୍ରହ କୁହାଯାଏ ସିନା ନକ୍ଷତ୍ରକୁ କଦାପି ଗ୍ରହ କହିପାରିବା ନାହିଁ । ସୂର୍ଯ୍ୟଙ୍କୁ ସୂର୍ଯ୍ୟଗ୍ରହ, ଚନ୍ଦ୍ରଙ୍କୁ ଚନ୍ଦ୍ରଗ୍ରହ କହିପାରିବା, କିନ୍ତୁ

ନକ୍ଷତ୍ରକୁ ନକ୍ଷତ୍ରଗ୍ରହ କହିପାରିବା ନାହିଁ । ସେହିଭଳି ଶରୀରରେ ଦୈବଙ୍କୁ କୌଣସି ଆତ୍ମା ହୋଇନଥିବା ପରମାତ୍ମା କହିପାରିବା ।

ଆଦିବାର ବା ରବିବାର ସୃଷ୍ଟି ବିଷୟକୁ ଜଣାଉଥିବା ସ୍ଥଳେ, ସୋମବାର ଦୈବଜ୍ଞାନ ଜଣାଇଥାଏ, କିନ୍ତୁ ତୃତୀୟ ଦିନ ହୋଇଥିବା ମଙ୍ଗଳବାର ପରମାତ୍ମା, ପରମଧାମ ବା ମୋକ୍ଷକୁ ଜଣାଇଥାଏ । ରବିବାର ପାଇଁ ସୂର୍ଯ୍ୟ, ସୋମବାର ପାଇଁ ଚନ୍ଦ୍ର ମୁଖ୍ୟ ହୋଇ ଥିବାବେଳେ, ମଙ୍ଗଳବାର ପାଇଁ ନକ୍ଷତ୍ର ମୁଖ୍ୟ ହୋଇ ରହିଛି । ସୂର୍ଯ୍ୟ ଆକାଶରେ ଦିନବେଳା ଦେଖାଯାଇ ରାତିରେ ଦେଖାଯାଆନ୍ତି ନାହିଁ । ସେହିଭଳି ଚନ୍ଦ୍ର ରାତିରେ ଦେଖାଯାଇ ଦିନରେ ନଥାନ୍ତି । ସୂର୍ଯ୍ୟ, ଚନ୍ଦ୍ର ଆକାଶରେ କିଛି ସମୟ ଦେଖାଯାଇ କିଛି ସମୟ ଦେଖାଯାଆନ୍ତି ନାହିଁ । ଜଗତ ଥିବାଯାଏଁ ମଣିଷର ଜନ୍ମ ଏବଂ ଜ୍ଞାନ ଆବଶ୍ୟକ । ଜଗତ ଥିବାଯାଏଁ ଥିବା ଜନ୍ମ ଏବଂ ଜ୍ଞାନ ଜଗତ ପ୍ରଳୟହେବା ବେଳେ ରହିନଥାଏ । ଜଗତ ଏହିଭଳି ପ୍ରଭବ ପ୍ରଳୟରେ ଆସି କିଛିକାଳ ଦେଖାଯାଇ କିଛିକାଳ ଦେଖାଯାଇ ନଥାଏ । ୧୦୮କୋଟି ବର୍ଷର ଜଗତ, ୧୦୮ କୋଟି ବର୍ଷ ଦେଖାଯାଇ ନଥାଏ । ଏହି ସୂତ୍ର ଅନୁସାରେ ପ୍ରପଞ୍ଚରେ ଦିନ ରାତି ସୃଷ୍ଟି ହୋଇଛି । ଏହି ସୂତ୍ର ଅନୁସାରେ ମଣିଷର ଜନ୍ମ ଏବଂ ଜ୍ଞାନ କିଛିକାଳ ରହି କିଛିକାଳ ନଥାଏ ବୋଲି ଜାଣି ପାରିବା ଭଳି, ଗୋଟିଏ ଦିନରେ କିଛିକାଳ ଦେଖାଯାଇ, କିଛିକାଳ ଦେଖାନଯାଇ ରହିଥିବା ସୂର୍ଯ୍ୟଚନ୍ଦ୍ରଙ୍କୁ ସଙ୍କେତ ଭାବରେ ନିଆଯାଇଛି । ଜନ୍ମ ଆଉ ଜ୍ଞାନକୁ ଜଣାଉଥିବା ଆଦି, ସୋମବାର ଅପେକ୍ଷା ମହାନ ହୋଇ ରହିଥାଏ ମଙ୍ଗଳବାର । ମଙ୍ଗଳବାର ସଦାସର୍ବଦା ଯଥାବିଧ ରହିଥିବା ପରମାତ୍ମାଙ୍କୁ ସୂଚିତ କରିଥାଏ । ଜନ୍ମହେବା ପରେ ଜ୍ଞାନ ଜାଣିବାକୁ ହୁଏ, ଜ୍ଞାନ ଜାଣି ମୋକ୍ଷରେ ପ୍ରବେଶ କରିବାକୁ ହୁଏ ବୋଲି ମଙ୍ଗଳବାର ସୂଚିତ କରିଥାଏ । ଜ୍ଞାନ ଦ୍ୱାରା ଶାଶ୍ୱତ ପରମାତ୍ମା ବା ଈଶ୍ୱର ମିଳିଥାନ୍ତି ! ସେ ହିଁ ଅନନ୍ତ!! ସମସ୍ତଙ୍କଠାରୁ ମହାନ!!!

ତେଣୁ ସବୁବେଳେ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର ଗ୍ରହମାନଙ୍କ ଅପେକ୍ଷା କେତେ ଗୁଣରେ ବଡ ହୋଇଥିବା ନକ୍ଷତ୍ରକୁ ପରମାତ୍ମାଙ୍କ ସଙ୍କେତ ଭାବରେ ନିଆଯାଇଛି । ଗଭୀର କୂଅ ଭିତରେ ପ୍ରବେଶ କରି ଅର୍ଥାତ୍ ଅନ୍ଧାରୁଆ କୂଅ ଭିତରୁ ଆକାଶକୁ ଲକ୍ଷ୍ୟକଲେ, ଆକାଶରେ ଦିନବେଳା ମଧ୍ୟ ନକ୍ଷତ୍ର ଦେଖାଯାଇଥାଏ । ତେଣୁ ନକ୍ଷତ୍ର ଦିନ, ରାତି ସବୁବେଳେ ଆକାଶରେ ଦେଖାଯାଏ । ଆମକୁ ସବୁବେଳେ ଦେଖୁଥିବା ଈଶ୍ୱର ବା ପରମାତ୍ମାଙ୍କୁ ପ୍ରତ୍ୟେକ ସମୟରେ ଆମ ଉପରେ ରହିଥିବା ନକ୍ଷତ୍ର ସହିତ ତୁଳନା କରି କୁହାଯାଇଛି । ମୋକ୍ଷ ପାଇବା ଅର୍ଥାତ୍ ପରମାତ୍ମା ବା ଈଶ୍ୱରଙ୍କୁ ପାଇବା ଭଳି ହୋଇଥାଏ । ଈଶ୍ୱରଙ୍କୁ ଅମୁକ ବୋଲି କହିପାରିବା ନାହିଁ । କାରଣ ! ସେ ସବୁକିଛିର ଅତୀତ, ତେଣୁ ତାଙ୍କୁ କୌଣସି ତୁଳନାରେ ନଆଣି ଶୁଭପ୍ରଦ ବୋଲି କହିଛୁ । ମଙ୍ଗଳ ହିଁ ଶୁଭପ୍ରଦ ହୋଇଥିବାରୁ ତୃତୀୟ ଦିବସକୁ ମଙ୍ଗଳବାର କହୁଛୁ ।

ମଣିଷ ଜୀବନରେ ତିନିଗୋଟି ମୁଖ୍ୟ ମୋଡ ରହିଥାଏ । **ଗୋଟିଏ ଜନ୍ମ, ଦ୍ୱିତୀୟଟି ବଞ୍ଚିବା ଏବଂ ତୃତୀୟଟି ମୃତ୍ୟୁବରଣ କରିବା** । ଏହାକୁ ହିଁ ଆଦି,ମଧ୍ୟ,ଅନ୍ତ କୁହାଯାଏ । ଆଦି,ମଧ୍ୟ,ଅନ୍ତ ଥିବା ପ୍ରତ୍ୟେକ ଲୋକଙ୍କପାଇଁ ଏହି ଆଦିବାର, ସୋମବାର, ମଙ୍ଗଳବାର ମୁଖ୍ୟ ହୋଇ ରହିଛି । ଆଦି ବାବଦରେ ଆଦିବାର (ରବିବାର), ମଧ୍ୟ ବାବଦରେ ସୋମବାର, ଅନ୍ତ ବାବଦରେ ମଙ୍ଗଳବାରକୁ ଚିହ୍ନିଲେ । ସେହିଭଳି ଆଦି, ମଧ୍ୟ, ଅନ୍ତର ବିବରଣୀ ଜଣାଉଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରଙ୍କୁ ମଧ୍ୟ ଚିହ୍ନିଲେ, ଏହିଭଳି ଚିହ୍ନିବା ବା ଜାଣିବା କିମ୍ବା ଅନ୍ୟମାନଙ୍କୁ ଜଣାଇବା ବିଷୟ ଜ୍ଞାନ ହେବାବେଳେ, ତାହାର ଆଚରଣ କରିବା ଆରାଧନା ବା ଉପାସନା ହୋଇଥାଏ । ଏହି ଆରାଧନାରେ ତୁ ତୋତେ ଚିହ୍ନିବା ଏବଂ ଦୈବ ଭାବକୁ ପ୍ରାପ୍ତହେବା ସୁଯୋଗ ରହିଛି । ପୂର୍ବେ କୃତ ବା ସତ୍ୟଯୁଗରେ ଆମର ପୂର୍ବ ଜ୍ଞାନୀମାନେ ଆମେ ଜ୍ଞାନ ଜାଣିବାପାଇଁ ଭଲ ଭଲ ଉପାୟକୁ

ସମାଜରେ ରଖାଇଥିଲେ । ଯିଏ ସମସ୍ତଙ୍କର ଆଧାର, ଯିଏ ସମସ୍ତଙ୍କୁ ସୃଷ୍ଟି କରିଛନ୍ତି, ଯିଏ ସର୍ବସ୍ୱର ମୂଳ ସେହି ଏକୈକ ଈଶ୍ୱରଙ୍କୁ ଜାଣିବା ନିମନ୍ତେ ସେମାନଙ୍କର ଉପାୟଗୁଡ଼ିକ ବାସ୍ତବରେ ବନ୍ଦନୀୟ । ସମସ୍ତେ ଈଶ୍ୱରଙ୍କ ସନ୍ତାନ, ସମସ୍ତେ ତାଙ୍କୁ ଜାଣିବା ଉଚିତ୍ । ଈଶ୍ୱରଙ୍କୁ ଛାଡ଼ି ଦେବତାମାନଙ୍କ ଆରାଧନା କରିବା ଉଚିତ୍ ନୁହେଁ, କୌଣସି ଦେବତା ମଧ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ, ଯାହା ତାଙ୍କ ଦ୍ୱାରା ସୃଷ୍ଟ ତାହା କେବେ ମଧ୍ୟ ତାଙ୍କ ସମାନ ହୋଇପାରିବ ନାହିଁ, ତେଣୁ ଶେଷରେ ମଣିଷ ନିଜର ବାସ୍ତବତାକୁ, ଦୈବଜ୍ଞାନକୁ ଜାଣି ଦିନେ ପରମାତ୍ମାରେ ଲୀନ ହେବାପାଇଁ ଜ୍ଞାନୀମାନେ ଯେଉଁ ଆରାଧନା କ୍ରମକୁ ସମାଜରେ ରଖାଇଥିଲେ ତାହା ଅତି ମହାନ । ତ୍ରେତାଯୁଗର ବଶିଷ୍ଠ, ବିଶ୍ୱାମିତ୍ରଙ୍କ ଅପେକ୍ଷା, ଦ୍ୱାପର ଯୁଗର ବ୍ୟାସଙ୍କ ଅପେକ୍ଷା ମହାନ ହୋଇଥିବା ସତ୍ୟ ଯୁଗର ବ୍ରହ୍ମର୍ଷିମାନଙ୍କ ଦ୍ୱାରା କୁହାଯାଇ ଆଚରିତ ହୋଇଥିବା ଆରାଧନା ହେଉଛି ତ୍ରୈତ ଆରାଧନା । ତ୍ରୈତାରାଧନା ସପ୍ତାହର ରବି, ସୋମ, ମଙ୍ଗଳ ବାର ଗୁଡ଼ିକରେ ଆଚରିତ ହୋଇଥାଏ । ତ୍ରୈତରାଧନା ଅନ୍ୟାନ୍ୟ ଆରାଧନା ଅପେକ୍ଷା ମହାନ ଏବଂ ତାହା ମଣିଷକୁ ଈଶ୍ୱରଙ୍କ ସମୀପ କରାଇଥାଏ । ତ୍ରୈତାରାଧନା ମହାନ ଅନୁଭୂତିଯୁକ୍ତ ହୋଇ, ଆରାଧନା ସମୟରେ ଅମିତ ତୃପ୍ତି ପ୍ରଦାନ କରିଥାଏ ।

ତ୍ରୈତାରାଧନା ତିନି ଭାଗ ହୋଇ ରହିଥାଏ । ଆଦି ଆରାଧନା, ମଧ୍ୟାରାଧନା ଏବଂ ଅନ୍ତ୍ୟାରାଧନା ନାମକ ତିନି ଆରାଧନାକୁ ତ୍ରୈତ ଆରାଧନା କୁହାଯାଏ । ପ୍ରଥମେ ଆଦି ଆରାଧନା ବାବଦରେ ଜାଣିବା ।




# ଆଦି ଆରାଧନା

ଆଦି ଆରାଧନା ଆଦିବାର ବା ରବିବାର ସକାଳ ପ୍ରହରରେ କରାଯାଇଥାଏ । ଆଦି ଆରାଧନା ସୃଷ୍ଟି ବିଷୟକୁ ଜଣାଉଥିବାରୁ ତାହାକୁ ଆଦିବାର (ରବିବାର) ଦିନ ହିଁ ଆଚରଣରେ ଆଣିବାକୁ ହୋଇଥାଏ । ସୃଷ୍ଟି ସୂର୍ଯ୍ୟୋଦୟରୁ ଆରମ୍ଭ ହୋଇଥିବାରୁ ସୂର୍ଯ୍ୟ ଉଦୟ ହେଉଥିବା ସମୟରେ ହିଁ ଆଦି ଆରାଧନା କରାଯିବା ଉଚିତ୍ । ଆଦି ଆରାଧନା ମଣିଷର ଜନ୍ମକୁ ସୂଚିତ କରୁଥିବାରୁ ତାହା ବିଶେଷ ଭାବଦାୟୀ ହୋଇ ରହିଥାଏ । ଆରାଧନା ଏକ ପଦ୍ଧତିବଦ୍ଧ ଭାବେ କରାଯାଇଥାଏ । ଆଦି ଆରାଧନାକୁ ପଦ୍ଧତିର ସହିତ ଜାଣିଥିବା ଭକ୍ତମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ପ୍ରାର୍ଥନା କରିଥାନ୍ତି । ସମସ୍ତେ ମିଶି ଏହି ଆରାଧନା କରୁଥିବାରୁ ଏହା ଏକ ସାମୁହିକ ପ୍ରାର୍ଥନା ହୋଇଥାଏ । ଯାତ୍ରା ସମୟରେ କିମ୍ବା ଏକାକୀ ଥିବା ସମୟରେ କେହି ମଧ୍ୟ ଏହି ଆରାଧନା କରିପାରେ । ଏହି ଆରାଧନାରେ ଶୁଚିଶୁଭ୍ରତା ନିହାତି ଆବଶ୍ୟକ । ଆରାଧନା କରାଯାଉଥିବା ସ୍ଥଳ ପରିଷ୍କାର ପରିଚ୍ଛନ୍ନ ରହିବା ଦରକାର । ସାମୁହିକ ଆରାଧନା ପାଇଁ କୌଣସି ଏକ ସ୍ଥାନକୁ କେନ୍ଦ୍ର ଭାବରେ ନେବା ଭଲ । ପ୍ରାର୍ଥନା ସ୍ଥଳ ଯେପରି ପରିଷ୍କାର ପରିଚ୍ଛନ୍ନତା ରହିବା ଦରକାର ସେହିଭଳି ଶରୀର ମଧ୍ୟ ପରିଷ୍କାର ପରିଛନ ରଖିବା ଆବଶ୍ୟକ । ସମସ୍ତେ ସ୍ନାନ କରିବା ପରେ ଏହି ଆରାଧନାରେ ଭାଗନେବା ଉଚିତ । ଯଦି କେବେ ଶରୀର ସୁସ୍ଥ ନାହିଁ ତେବେ ସ୍ନାନ ନକଲେ ମଧ୍ୟ ହାତ, ଗୋଡ, ମୁଖ, କାଖ ଧୋଇବା ଉଚିତ୍ । ଯାତ୍ରା ସମୟରେ ଯଦି କେଉଁଠି ପାଣି ନମିଳିଲା ତେବେ ସେ ସମୟରେ ଅତି କମରେ ଦୁଇ ହାତର ପାପୁଲିକୁ ଧୋଇବା ଦରକାର । ଏହି ଆରାଧନାରେ ପାଞ୍ଚବର୍ଷର ପିଲା ମଧ୍ୟ ପରିବାର ବର୍ଗଙ୍କ ସମେତ ବସି ଆରାଧନାରେ ଭାଗନେଇ ପାରିବ । ପରିବାରର ଲୋକମାନେ ସେମାନଙ୍କ ପାଞ୍ଚବର୍ଷର ଛୁଆକୁ ଆଦି ଆରାଧନାର ବିଶେଷତା ବାବଦରେ କହି ଆରାଧନାରେ ବସାଇବା ଉଚିତ୍ । ପ୍ରାର୍ଥନା ସମୟରେ ପୁରୁଷମାନେ, ସ୍ତ୍ରୀମାନେ ସ୍ୱତନ୍ତ୍ର ସ୍ୱତନ୍ତ୍ରେ

ଧାଡିରେ ବସିବା ଉଚିତ୍ । ଏହା ସର୍ବ ମାନବକୁ ସୃଷ୍ଟି କରିଥିବା ଈଶ୍ୱରଙ୍କ ଆରାଧନା ହୋଇଥିବାରୁ ଏହି ମତାତୀତ ଆରାଧନାକୁ କୌଣସି ମତର ଲୋକେ କରିପାରିବେ । ଏହା ଅତି ପବିତ୍ର ଆରାଧନା ହୋଇଥିବାରୁ କୌଣସି କୁଅଭ୍ୟାସ ଏଥିରେ ରହିବା ଉଚିତ୍ ନୁହେଁ । ତ୍ରୈତ ସିଦ୍ଧାନ୍ତ ବାବଦରେ ଜାଣିଥିବା ପ୍ରବୋଧା ସେବା ସମିତିର ସଭ୍ୟମାନେ ନିୟମବଦ୍ଧ ଭାବରେ ତ୍ରୈତାରାଧନା କରିବା ଉଚିତ୍ । ସଭ୍ୟମାନେ ଆରାଧନା ସ୍ଥଳରେ ଆରାଧନାର ଅତି କମ୍‌ରେ ୫ମିନିଟ୍ ଆଗରୁ ଉପସ୍ଥିତ ହେବା ଉଚିତ୍ । ପ୍ରାର୍ଥନା କରିବାକୁ ଆସିଥିବା ପ୍ରତ୍ୟେକ ସଭ୍ୟମାନେ ଜଣେ ଜଣକୁ ଶୁଭେଚ୍ଛା ଜଣାଇ ହାତଜୋଡି ନମସ୍କାର ଜ୍ଞାପନ କରିବା ଉଚିତ୍, ସେହି ନମସ୍କାରରେ ଈଶ୍ୱରଙ୍କ ପାଇଁ ଆମେ ଦୁହେଁ ସମାନ ବୋଲି ଭାବ ରହିବା ଉଚିତ୍ । ପ୍ରାର୍ଥନା କରିବାକୁ ଆସିଥିବା ଶତ୍ରୁକୁ ମଧ୍ୟ ନମସ୍କାର କରିବା ଉଚିତ୍ । ପ୍ରତ୍ୟେକ ସଭ୍ୟ ତ୍ରୈତାରାଧନାର ଅର୍ଥ ଜାଣି ତାର ବିଶେଷତାକୁ ଅନ୍ୟମାନଙ୍କୁ ଜଣାଇପାରିବା କ୍ଷମତା ହାସଲ କରିଥିବା ଆବଶ୍ୟକ ।

ଆଦି ଆରାଧନା କରୁଥିବା ସମୟରେ ପୂର୍ବଦିଗକୁ ମୁଖକରି ବସିବା ଉଚିତ୍ । ସୂର୍ଯ୍ୟ ପୂର୍ବଦିଗରେ ଉଦୟ ହେଉଥିବାରୁ ପ୍ରଥମ ଆରାଧନାରେ ପୂର୍ବ ଦିଗକୁ ମୁଖକରି ବସିବା ଉଚିତ୍ । ତାଛଡା ଶରୀରର ଅନୁକୂଳ ପରିସ୍ଥିତି ଅନୁସାରେ ବସିବା ଉଚିତ୍ । ଯଥା ସମ୍ଭବ ସମସ୍ତେ ଗୋଟିଏ ଆସନରେ ଅର୍ଥାତ୍ ଏକ ପ୍ରକାରର ଭଙ୍ଗିମରେ ବସିବା ଶ୍ରେୟସ୍କର । ସବୁଠାରୁ ମୁଖ୍ୟକଥା ହେଉଛି ସମସ୍ତେ ଏହି ଆରାଧନା କରିବା ବେଳେ ନିଜ ନିଜର ମୁଣ୍ଡରେ ତିନିକୋଣ ବିଶିଷ୍ଟ ବସ୍ତ୍ର ବାନ୍ଧିବା ଉଚିତ୍ । ଗୀତା ଅନୁଯାୟୀ ତିନିକୋଣର ବସ୍ତ୍ରଟି **ତ୍ରୈତ ସିଦ୍ଧାନ୍ତକୁ** ଜଣାଇବା ଭଳି ରହିବା ଉଚିତ୍ । ଶ୍ୱେତ ରଙ୍ଗର ତିନିକୋଣ ବିଶିଷ୍ଟ ବସ୍ତ୍ରଟି ମୁଣ୍ଡର ଉପରି ଭାଗରୁ ଗାଲ ମଧ୍ୟ ଦେଇ ଥୋମଣି ତଳେ ଗଣ୍ଠିପଡି ରହିବା ସହିତ ବଳକା ରହିଥିବା ଅନ୍ୟ କୋଣଟି ମୁଣ୍ଡ ଉପରୁ ପିଠିଦିଗରେ ଅର୍ଥାତ୍ ମୁଖର ବିପରୀତ ଦିଗରେ ରହିବା ଉଚିତ୍ ।

ମୁଖର ତଳଭାଗ ବା ଥୋମଣି ତଳେ ଗଣ୍ଠିପଡିଥିବା ଦୁଇ କୋଣ ଭିତରୁ ଯେଉଁ କୋଣଟି ବାମଦିଗରୁ ଆସିଥାଏ ତାହାକୁ **ଜୀବାତ୍ମା,** ଦକ୍ଷିଣ ଦିଗରୁ ଆସିଥିବା କୋଣକୁ **ଆତ୍ମା** ଭାବିବା ଉଚିତ୍ । ଗୀତାରେ କୁହାଯିବା ଭଳି ଗୋଟିଏ ଶରୀରରେ ଜୀବାତ୍ମା ଆତ୍ମା ମିଶି ନିବାସ କରିଥାନ୍ତି ବୋଲି ଏହି ଦୁଇକୋଣର ଗଣ୍ଠି (ମିଳନ) ଭାବ ପ୍ରଦର୍ଶନ କରିଥାଏ । ସେହିଭଳି ମୁଣ୍ଡ ଉପରେ ପିଠି ଦିଗରେ ଥିବା କୋଣଟି **ପରମାତ୍ମା** ଶରୀରରେ ଅଗୋଚର ଭାବେ ଅଛନ୍ତି ବୋଲି ସୂଚିତ କରିଥାଏ ବୋଲି ଭାବିବା ଉଚିତ୍ -




ଭଗବଦ୍ଗୀତାରେ କୁହାଯାଇଥିବା ଅନୁସାରେ ଆତ୍ମା ଜୀବାତ୍ମା ସହିତ କୁଟସ୍ଥ ଭାବରେ ରହିଥାଏ । ଏହି ଅର୍ଥରେ ଦୁଇକୋଣ ଗଣ୍ଠିପଡିବା ଭଳି ରହିବା ଏବଂ ପରମାତ୍ମା କାହାକୁ ଜଣାନପଡି ଜୀବାତ୍ମା ଆତ୍ମାଠାରୁ ଅତୀତ ଭାବରେ ରହିଥାନ୍ତି ବୋଲି ଜଣାଉଥିବା ତୃତୀୟ କୋଣଟି ପଛ ଭାଗକୁ ସ୍ଥିର ଭାବରେ ରହିବା ସ୍ଥିତିକୁ ଦେଖିଲେ ଏହି ଆଚରଣରେ **ତ୍ରୈତ ସିଦ୍ଧାନ୍ତ** ସମ୍ପୂର୍ଣ୍ଣ ଭାବରେ ଦେଖାଯାଇଥାଏ । **ଜୀବାତ୍ମା (କ୍ଷର), ଆତ୍ମା (ଅକ୍ଷର), ପରମାତ୍ମା (ପୁରୁଷୋତ୍ତମ)**ଙ୍କର ଅସ୍ତିତ୍ୱକୁ ଜଣାଇବା ନିମନ୍ତେ ମୁଣ୍ଡରେ ତିନି କୋଣର ଶ୍ୱେତବସ୍ତ୍ର ବାନ୍ଧିବା ଉଚିତ୍ । ଆତ୍ମାଗୁଡିକୁ ଜଣାଉଥିବା ଚିହ୍ନ ଭାବରେ ତିନି କୋଣର ବସ୍ତ୍ରକୁ ବ୍ୟବହାର କରାଯାଉଥିବାରୁ ତାହା ଆତ୍ମାର ସ୍ୱଚ୍ଛତାକୁ ଜଣାଇଥାଏ । ତେଣୁ ସେଥି ନିମନ୍ତେ ବସ୍ତ୍ର ଶ୍ୱେତବସ୍ତ୍ର ରହିବା ଉଚିତ୍ ।

ଶ୍ୱେତ ବସ୍ତ୍ର ମୁଣ୍ଡରେ ବାନ୍ଧି **ସୂର୍ଯ୍ୟୋଦୟର ୫ମିନିଟ୍ ପୂର୍ବରୁ ପ୍ରାର୍ଥନା କରିବା ନିମନ୍ତେ ବସିବା ଉଚିତ୍ । ସୂର୍ଯ୍ୟ ଉଦୟ ହେବାବେଳେ ହିଁ ପ୍ରାର୍ଥନାରେ ବସିରହିବା ଆଦି ପ୍ରାର୍ଥନାର ନିୟମ ।** ସୂର୍ଯ୍ୟୋଦୟ ପରେ ୫ମିନିଟ୍ ପର୍ଯ୍ୟନ୍ତ ପ୍ରାର୍ଥନାରେ ରହି ପ୍ରାର୍ଥନା କାଳକୁ ମୋଟ ୧୦ମିନିଟ୍ ପର୍ଯ୍ୟନ୍ତ ସୀମିତ କରିବା ଉଚିତ୍ । ପ୍ରାର୍ଥନା କରୁଥିବା ସମୟରେ ବାମହାତର ପାପୁଲି ଥୋମଣି ତଳେ ଲଗାଇ ରଖିବା ଉଚିତ୍ । ସେହିଭଳି ଡାହାଣ ହାତର ପାପୁଲିକୁ ମୁଣ୍ଡ ଉପରେ ରଖିବା ଦ୍ୱାରା ମନୋଧ୍ୟାନ ମୁଣ୍ଡର ମଧ୍ୟ ଭାଗରେ ରହିଥାଏ । ଉପରେ ତଳେ ହାତର ପାପୁଲି ରଖି ଆଖି ବନ୍ଦକରି ବସିବା ଦ୍ୱାରା ମନୋଦୃଷ୍ଟି ମୁଣ୍ଡର ମଧ୍ୟ ଭାଗରେ ପ୍ରବେଶ କରିବା ସୁଯୋଗ ରହିଥାଏ । ରବିବାର ଦିନ ସକାଳୁ କରାଯାଉଥିବା ପ୍ରାର୍ଥନା ସୃଷ୍ଟି ପ୍ରାରମ୍ଭକୁ ଜଣାଇବା ବ୍ୟତୀତ, ତୋର ଜନ୍ମକୁ ମଧ୍ୟ ସୂଚିତ କରିଥାଏ । ସଦ୍ୟଜାତ ଶିଶୁଠାରେ କୌଣସି ଗୁଣ କାର୍ଯ୍ୟକାରୀ ହୋଇନଥାଏ । ଜନ୍ମିତ ଶିଶୁଠାରେ କୌଣସି ଗୁଣ ନଥିବାରୁ କେତେକ ଜଣାଶୁଣା ଲୋକମାନେ ଶିଶୁମାନଙ୍କୁ ଦୈବ ସମାନ ଭାବିଥାନ୍ତି । ଆଦି ଆରାଧନାରେ, ସୂର୍ଯ୍ୟଙ୍କ ଉଦୟକୁ ଶିଶୁର ଜନ୍ମସମ ତୁଳନା କରିବା ଦ୍ୱାରା ସେ ସମୟରେ ଶିଶୁର ମୁଣ୍ଡରେ ଗୁଣରାଜି ନଥିବା ଭଳି ଆରାଧକର ମୁଣ୍ଡରେ ମଧ୍ୟ କୌଣସି ଗୁଣ ସଂକଳ୍ପ ନରହିବା ଉଚିତ୍ । ଏହିଭଳି ଗୁଣହୀନ ଭାବରେ ସେହି ୧୦ମିନିଟ୍ ରହିବାପାଇଁ ଚେଷ୍ଟା କରିବା ଉଚିତ୍ । ସଦ୍ୟଜାତ ଶିଶୁ ଭଳି ରହିବା ଅର୍ଥାତ୍ ଭଗବତ୍ ଗୀତାରେ କୁହାଯିବା ଭଳି ବ୍ରହ୍ମଯୋଗରେ ରହିବା ଭଳି ହୋଇଥାଏ । ତ୍ରୈତାରାଧନା କ୍ରମରେ ପ୍ରଥମ ଆରାଧନା ହୋଇଥିବା ଆଦିପ୍ରାର୍ଥନା ପ୍ରଥମ ଦିନ ହୋଇଥିବା ରବିବାର ଦିନ କରାଯିବା ସହିତ ବ୍ରହ୍ମ, କର୍ମ, ଭକ୍ତିଯୋଗ ନାମକ ତିନି ଯୋଗ ପଦ୍ଧତିରୁ ପ୍ରଥମଟି ହୋଇଥିବା ବ୍ରହ୍ମଯୋଗ ଆଚରଣ କରିବା ଭଳି ହୋଇଥାଏ । ଏହା ସାମୁହିକ ପ୍ରାର୍ଥନା ହୋଇଥିବାରୁ ସମସ୍ତେ ଗୋଟିଏ ସମୟରେ ଆରମ୍ଭ କରି ଗୋଟିଏ

ସମୟରେ ସମାପ୍ତ କରିବା ପାଇଁ, ମାତ୍ର ୧୦ମିନିଟ୍ ପ୍ରାର୍ଥନାରେ ରହିବା ଭଳି କରି,ଅନୁକୂଳିତ ସମୟରେ ଆରାଧନା ଆରମ୍ଭରେ ଓଁ ନାମକ ନାଦରୁ ଆରମ୍ଭକରି ଶେଷରେ ସେହି "ଓଁ" ନାମକ ନାଦରେ ପ୍ରାର୍ଥନା ସମାପ୍ତ କରିବା ବିଧିକୁ ବଡମାନେ ସମାଜରେ ରଖିଥିଲେ । ସକାଳେ ସମସ୍ତେ ଆଦି ପ୍ରାର୍ଥନା କରିବା ପରେ ଯିଏ ଯାହାର କାର୍ଯ୍ୟ କରି ପାରିବେ । ଏହିଭଳି ଅନେକ ସାରକଥା ସହିତ ଉନ୍ନତ ଆଚରଣ, ଉନ୍ନତ ଭାବ ଥିବା ପ୍ରାର୍ଥନା କାଳଗର୍ଭରେ ଲୁଚିଯାଇଛି । ପୁନର୍ବାର ସେହି ପ୍ରାର୍ଥନାକୁ ଉଦ୍ଧାର କରି ଆମେ ଆମ ପୂର୍ବ ଆଚରଣକୁ ଫେରାଇ ଆଣିବାକୁ ଚେଷ୍ଟା କରିବା ଉଚିତ୍ ।

## ମଧ୍ୟାରାଧନା

ମଧ୍ୟାରାଧନା ଠିକ୍ ୧୨ଟା ବେଳକୁ ଅର୍ଥାତ୍ ସୂର୍ଯ୍ୟ ଠିକ୍ ମୁଣ୍ଡ ଉପରେ ଥିବାବେଳେ କରାଯିବା ଉଚିତ୍ । ଆଦି ପ୍ରାର୍ଥନାରେ ପୂର୍ବ ଦିଗକୁ ମୁଖକରି ବସିବା ଉଚିତ୍ ହୋଇଥିବା ସ୍ଥଳେ, ମଧ୍ୟ ପ୍ରାର୍ଥନାରେ ଦକ୍ଷିଣ ଦିଗକୁ ମୁଖକରି ବସିବା ଉଚିତ୍ । ପ୍ରଥମ ପ୍ରାର୍ଥନାରେ କରାଯାଉଥିବା ଆଚରଣ ଭଳି ମୁଣ୍ଡରେ ସେହି ତିନିକୋଣର ବସ୍ତ୍ରକୁ ବାନ୍ଧିବା ଉଚିତ୍ । ମଧ୍ୟ ପ୍ରାର୍ଥନା ଦ୍ୱିତୀୟ ଦିବସ ହୋଇଥିବା ସୋମବାର ଦିନ କରିବା ଉଚିତ୍ । ସୋମବାର ଦୈବଜ୍ଞାନ ସମ୍ବନ୍ଧୀୟ ଦିବସ ହୋଇଥିବାରୁ ପ୍ରାର୍ଥନାରେ ମୁଣ୍ଡର ଜ୍ଞାନକୁ ସ୍ମୃତିରେ ରଖି ଯାହାସବୁ ଘଟୁଛି ସେଥିରେ ମୋର କୌଣସି ହସ୍ତକ୍ଷେପ ନାହିଁ, ଯାହା ହେଉଛି ତାହା କର୍ମ ନିର୍ଣ୍ଣୟ ଅନୁସାରେ ହେଉଛି ବୋଲି ଧ୍ୟାନ ରଖିବାକୁ ହୋଇଥାଏ । ଏହି ପ୍ରାର୍ଥନା ମଧ୍ୟ ୧୦ ମିନିଟ୍ କାଳରେ କରିବା ଉଚିତ୍ । ଆଦି ପ୍ରାର୍ଥନା ଆରମ୍ଭ କରୁଥିବା ଭଳି ସମସ୍ତେ ଓଁ ନାଦରୁ ପ୍ରାର୍ଥନା ଆରମ୍ଭ କରିସେହି ଓଁ ନାଦରେ ସମାପ୍ତ କରିବା ଉଚିତ୍ । ଓଁ ନାଦ ଆରମ୍ଭ କରିବା ପାଇଁ ଏବଂ ସମାପ୍ତ କରିବା ପାଇଁ ଆଗରୁ ଜଣେ ବ୍ୟକ୍ତିକୁ ନିର୍ଣ୍ଣୟ କରି ରଖିବା ଉଚିତ୍ । ଅନିର୍ବାର୍ଯ୍ୟ କାରଣ କିମ୍ବା ଅନାରୋଗ୍ୟ କାରଣ ନେଇ

ଯଥା ସମୟରେ ଏହି ଆରାଧନା କରି ନପାରିଲେ ମଧ୍ୟ ଅନ୍ୟ ସମୟରେ ଅର୍ଥାତ୍ ନିକଟ ଭବିଷ୍ୟତରେ ନିଶ୍ଚୟ କରିବା ଉଚିତ୍ । ଆଦି ପ୍ରାର୍ଥନା ଭଳି ମଧ୍ୟ ପ୍ରାର୍ଥନାରେ ମଧ୍ୟ ଶୁଚିଶୁଭ୍ରତା ଅନିବାର୍ଯ୍ୟ ଅଟେ । ମଧ୍ୟ ପ୍ରାର୍ଥନାରେ ଦିଗ, ଏବଂ ଭାବକୁ ବାଦ୍ ଦେଲେ ବାକି ସବୁକିଛି ଆଦିପ୍ରାର୍ଥନା ଭଳି କରିବାକୁ ହୋଇଥାଏ ।

ମଧ୍ୟ ପ୍ରାର୍ଥନା ଜୀବନର ଜ୍ଞାନ ସମ୍ବନ୍ଧୀୟ ପ୍ରାର୍ଥନା ହୋଇଥିବାରୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ପରିଚାଳିତ କରାଉଥିବା ସୂତ୍ର କର୍ମ, କର୍ମସୂତ୍ର ଅନୁସାରେ ମୁଁ ପରିଚାଳିତ ହେଉଛି ସିନା ମୁଁ ସ୍ୱାଧିନ ନୁହେଁ ବୋଲି ଭାବ ରଖିବା ଉଚିତ୍ । ଏହି ପ୍ରାର୍ଥନାରେ ମୁଁ କର୍ମବନ୍ଧ ଜୀବ, ପ୍ରତ୍ୟେକ କାର୍ଯ୍ୟ ମୁଁ କରୁନାହିଁ, ମୋ ଦ୍ୱାରା ହେଉଛି ବୋଲି ଭାବନା କରିବା ଦ୍ୱାରା ମଣିଷ ଜୀବନରେ ସେହି ଧ୍ୟାନ ରହି ଜୀବକୁ କର୍ମବନ୍ଧନରୁ ମୁକ୍ତ କରାଇଥାଏ । ମଧ୍ୟପ୍ରାର୍ଥନା ଜୀବଠାରୁ ଅହଂ ଭାବକୁ ଛଡାଇ ଦେଇଥାଏ । ଏହି ପ୍ରାର୍ଥନା ଭଗବଦ୍ଗୀତାରେ କୁହାଯାଇଥିବା କର୍ମଯୋଗକୁ ସୂଚିତ କରାଇଥାଏ । ଜନ୍ମରୁ ଆରମ୍ଭକରି ପ୍ରତ୍ୟେକ ବ୍ୟକ୍ତି ମୃତ୍ୟୁ ଦିଗରେ ଗତି କରିଥାଏ । ଜନ୍ମରୁ ପ୍ରତ୍ୟେକ ଜୀବନ ମୃତ୍ୟୁମୁଖର ହୋଇଥାଏ । ମରଣର ଅଧିପତି ପରମାତ୍ମା, ସେ ହିଁ ଯମ, ଯାହାର ଦିଗ ଦକ୍ଷିଣ ଦିଗ ବୋଲି ସୂଚିତ କରୁଥିବା ଗୀତାବାକ୍ୟ ଅନୁସାରେ ଜୀବ ଦକ୍ଷିଣ ଦିଗର କାଳ ଦ୍ୱାରରେ ହିଁ ମୋକ୍ଷକୁ ଯାଇଥାଏ । ଜୀବର ମରଣ କିମ୍ବା ମୋକ୍ଷ କାଳଚକ୍ରର ଦକ୍ଷିଣ ଦ୍ୱାର ଦ୍ୱାରା ହୋଇଥାଏ । ଏହି ବିଷୟ ଆମ ଦ୍ୱାରା ରଚିତ ହୋଇଥିବା **ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା**ର ଅକ୍ଷରପରବ୍ରହ୍ମ ଯୋଗରେ ଏବଂ **ପ୍ରବୋଧା** ନାମକ ଗ୍ରନ୍ଥର କର୍ମ, କାଳ, ବ୍ରହ୍ମଚକ୍ର ନାମକ ବିଷୟରେ ବିପୁଳ ଭାବରେ କୁହାଯାଇଛି । ଜୀବନଯାତ୍ରା ମରଣ କିମ୍ବା ମୋକ୍ଷ ଦିଗର ହୋଇଥିବାରୁ, ତା'ର ଦ୍ୱାର ଦକ୍ଷିଣ ଦିଗରେ ରହିଥିବାରୁ ରବିବାର ଦିନ ଯେଉଁମାନେ ପୂର୍ବଦିଗକୁ ମୁଖକରି ବସିଥାନ୍ତି ସେମାନେ ସୋମବାର ଦିନ ଦକ୍ଷିଣ ଦିଗକୁ ମୁଖକରି ବସିବା ଉଚିତ୍ ।

ମଧ୍ୟାରାଧନା ସୋମବାର ଦିନ ହେଉଥିବାରୁ ସେଦିନ ଜ୍ଞାନର ସ୍ମୃତିରେ ରହିବା ଏବଂ ଜ୍ଞାନର ଲକ୍ଷ୍ୟ ଦକ୍ଷିଣଦିଗ ହୋଇଥିବାରୁ ଦକ୍ଷିଣ ଦିଗକୁ ମୁଖକରି ବସିବା ଏହି ଆରାଧନାର ବିଶେଷତା ପ୍ରତିପାଦନ କରିଥାଏ । ସୋମବାରର ଆରାଧନା ବିବରଣ ଜାଣି ସେହି ଅନୁସାରେ ଆଚରଣ କରୁଥିବା ବ୍ୟକ୍ତି ପରେ ସେହି ଧ୍ୟାନରେ କର୍ମଯୋଗ ଆଚରଣ କରିପାରେ । ଜୀବନରେ କର୍ମଯୋଗର ଅଭ୍ୟାସ କରିବା ଦ୍ୱାରା ଗୀତାରେ ଭଗବାନ କହିଥିବା ଭଳି ସେ ବ୍ୟକ୍ତି **ଯଜ୍ଞକର୍ମ** ଆଚରଣ କରିବା ଭଳି ହୋଇଥାଏ । ଯଜ୍ଞକର୍ମ କହିଲେ ଆଗାମୀକର୍ମର ବନ୍ଧନରେ ନପଡି ଆସୁଥିବା କର୍ମକୁ ଜ୍ଞାନାଗ୍ନିରେ ଜାଳିଦେବା । କର୍ମ ବନ୍ଧନକୁ ଆସିବାକୁ ନଦେଇ ସୋମବାର ଦିନ ଆଚରିତ ହେଉଥିବା ମଧ୍ୟାରାଧନା ଦ୍ୱାରା ମଣିଷ ମୋକ୍ଷ ପାଇପାରେ । ରବିବାର ଦିନ କରାଯାଉଥିବା ସୂର୍ଯ୍ୟୋଦୟ ପ୍ରାର୍ଥନାରେ ବ୍ରହ୍ମଯୋଗ, ସୋମବାର ଦିନ କରାଯାଉଥିବା ମଧ୍ୟାରାଧନାରେ କର୍ମଯୋଗ ଅଭ୍ୟାସ ହୋଇଥାଏ । ତ୍ରୈତାରାଧନାର ଗୋଟିଏ ଗୋଟିଏ ଭାଗ ହୋଇଥିବା ରବିବାର, ସୋମବାର ପ୍ରାର୍ଥନାରେ ଏତେ ବିଶେଷତା ରହିଥିବାବେଳେ ତୃତୀୟ ପ୍ରାର୍ଥନାରେ କଣ ବିଶେଷତା ରହିଛି ଜାଣିବା ।

## ଅନ୍ତ୍ୟାରାଧନା (ଶେଷ ଆରାଧନା)

ଆଦି ପ୍ରାର୍ଥନା ସପ୍ତାହର ପ୍ରଥମ ଦିବସ କୁହାଯାଉଥିବା ରବିବାର ଦିନ କରାଯାଉଥିବା ସ୍ଥଳେ, ମଧ୍ୟାରାଧନା ସପ୍ତାହର ଦ୍ୱିତୀୟ ଦିବସ ସୋମବାର ଦିନ କରାଯାଇଥାଏ । ଅନ୍ତ୍ୟାରାଧନା ବା ଶେଷ ଆରାଧନା ମଙ୍ଗଳବାର ଦିନ କରାଯାଇଥାଏ । ରବିବାର ଜୀବର ଜନ୍ମକୁ, ସୋମବାର ଜୀବନରେ ଆହରଣ କରାଯାଉଥିବା ଦୈବଜ୍ଞାନକୁ ସୂଚିତ କରୁଥିବା ବେଳେ ଶେଷ ଆରାଧନା ଜୀବର ମୋକ୍ଷକୁ ସୂଚିତ କରିଥାଏ । ଶୁଭପ୍ରଦ ମୋକ୍ଷକୁ

ସୂଚିତ କରୁଥିବା ଆରାଧନା ସପ୍ତାହର ତୃତୀୟ ଦିବସ କୁହାଯାଉଥିବା ମଙ୍ଗଳବାର ଦିନ କରାଯାଇଥାଏ । ଏହି ତ୍ରୈତାରାଧନା ସପ୍ତାହର ତୃତୀୟ ଦିବସ ହୋଇଥିବା ମଙ୍ଗଳବାର ଦିନ ସମାପ୍ତ ହୋଇଥାଏ । ଉପରୋକ୍ତ ଆରାଧନାର ଆଚରଣ ଭଳି ଏହି ଆରାଧନାରେ ମଧ୍ୟ ଶ୍ୱେତବସ୍ତ୍ରକୁ ମୁଣ୍ଡରେ ବାନ୍ଧି, ହସ୍ତକୁ ଯଥାବିଧ ରଖି ଶୁଚିଶୁଭ୍ରତାର ସହିତ କରାଯାଇଥାଏ । ଏହା ମଙ୍ଗଳବାର ଦିନ ସୂର୍ଯ୍ୟାସ୍ତ ସମୟରେ ଅର୍ଥାତ୍ **ସୂର୍ଯ୍ୟ ଅସ୍ତହେବାର ୫ମିନିଟ୍ ଆଗରୁ ଆରମ୍ଭକରି, ସୂର୍ଯ୍ୟ ଅସ୍ତହେବାର ୫ମିନିଟ୍ ପର୍ଯ୍ୟନ୍ତ କରାଯାଇଥାଏ** । ମୋଟ ୧୦ମିନିଟିର ଏହି ଆରାଧନାରେ ଉପରୋକ୍ତ ଆରାଧନା ଭଳି ଆରାଧନା କରାଯାଇଥାଏ ସିନା ବସିବାର ଦିଗ ଏବଂ ମୁଣ୍ଡର ଉଦ୍ଦେଶ୍ୟ ଅଲଗା ଅଲଗା ରହିଥାଏ । ମଙ୍ଗଳବାର ଦିନ ସୂର୍ଯ୍ୟାସ୍ତ ସମୟରେ କରାଯାଉଥିବା ଏହି ମଧ୍ୟ ଆରାଧନାରେ ଭଗବଦ୍ଗୀତାରେ କୁହାଯାଇଥିବା ଭକ୍ତିଯୋଗକୁ ଧ୍ୟାନରେ ଆଣିବା ଉଚିତ୍ । ସର୍ବ ପ୍ରପଞ୍ଚର ଈଶ୍ୱର ପୁରୁଷୋତ୍ତମ ହିଁ ମହାନ, ତାଙ୍କ ଛଡା ଆଉ କେହି ମହାନ ନାହାନ୍ତି, ସେ ହିଁ ସର୍ବ ସୃଷ୍ଟିକର୍ତ୍ତା, ପରଲୋକ ରାଜ୍ୟର ଅଧିପତି, ସର୍ବ ଲୋକର ଶାସକ, ତାଙ୍କର ଆଦି, ମଧ୍ୟ, ଅନ୍ତ ନାହିଁ ତେଣୁ ତାଙ୍କରି ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ତାଙ୍କରି ଠାରେ ଲୀନ ହୋଇଯିବା ଭାବକୁ ବ୍ୟକ୍ତ କରିବା ଆରାଧନାର ମୁଖ୍ୟ ଅଂଶ ହେବା ଉଚିତ୍ ।

ଆଜିର କାଳରେ ଇନ୍ଦୁମତ ହିନ୍ଦୁମତ ଭାବରେ ବଦଳି ଏକେଶ୍ୱର ଉପାସନା ବଦଳରେ ବହୁ ଦେବତା ଆରାଧନା ଆସି ପହଞ୍ଚିଛି । ସୂର୍ଯ୍ୟାସ୍ତ ସମୟଠାରୁ ରାତି ଆରମ୍ଭ ହୋଇଥାଏ । ସୂର୍ଯ୍ୟାସ୍ତ ମାନବର ଅନ୍ତ ସମୟକୁ ସୂଚିତ କରିଥାଏ । ଜୀବର ଅନ୍ତ ମୋକ୍ଷ, ଶରୀରର ଅନ୍ତ ମରଣ ବୋଲି ଜାଣି ସେହି ଦୁଇଟି ବିଷୟକୁ ଅସ୍ତଗାମୀ ସୂର୍ଯ୍ୟ ସୂଚିତ କରୁଥିବାରୁ ସୂର୍ଯ୍ୟ ଅସ୍ତ ହେଉଥିବା ଦିଗକୁ ମୁଖକରି ମୋର ଅସ୍ତ ତୋ'ରିଠାରେ ଐକ୍ୟ ହେଉ ବୋଲି କାମନା କରିବାକୁ **ଅନ୍ତ୍ୟାରାଧନା** କୁହାଯାଏ । ଅନ୍ତ୍ୟ (ଶେଷ)

ପ୍ରାର୍ଥନାରେ ମୋକ୍ଷ ମାଗିବା ଉଚିତ୍ । ସୁବିଶାଳ ଦୈବରେ ମିଶି ଅଦୃଶ୍ୟ ହୋଇଯିବା ଭାବ ନେଇ ଆଚରଣ କରିବା ଏହି ଆରାଧନାର ସାରାଂଶ ଏବଂ ଉଦ୍ଦେଶ୍ୟ । ମାନବର ଲକ୍ଷ୍ୟ ଶେଷରେ ମୋକ୍ଷ ହୋଇଥିବାରୁ ଏହାକୁ ମଙ୍ଗଳବାର ଦିନ ଆଚରଣରେ ଆଣିବାକୁ ହୋଇଥାଏ । **ରବି (ଆଦି), ସୋମ, ମଙ୍ଗଳବାରରୁ ଆଦି, ମଧ୍ୟ, ଅନ୍ତକାଳ ହୋଇଥିବା ସକାଳ, ମଧ୍ୟାହ୍ନ, ସଂଧ୍ୟା ସମୟରେ ବ୍ରହ୍ମ,କର୍ମ,ଭକ୍ତିଯୋଗ ଆଚରଣ କରିବା ହିଁ ସମ୍ପୂର୍ଣ୍ଣ ତ୍ରୈତ ଆରାଧନା ହୋଇଥାଏ ବୋଲି ଜାଣିବା ଉଚିତ୍ ।**

| | | | |
|---|---|---|---|
| **ଆଦି (ରବି) ବାର** | -- **ସକାଳ** | -- **ପୂର୍ବ** | -- **ବ୍ରହ୍ମ ଯୋଗ** |
| **ସୋମବାର** | -- **ମଧ୍ୟାହ୍ନ** | -- **ଦକ୍ଷିଣ** | -- **କର୍ମ ଯୋଗ** |
| **ମଙ୍ଗଳବାର** | -- **ସଂଧ୍ୟା** | -- **ପଶ୍ଚିମ** | -- **ଭକ୍ତି ଯୋଗ** |

ତିନି ଯୋଗରେ, ତିନି ଦିନର ତିନି କାଳରେ, ତିନିଗୋଟି ଦିଗ ଦ୍ୱାରା ଈଶ୍ୱରଙ୍କୁ ଆରାଧନା କରିବା ହିଁ ପ୍ରକୃତ ତ୍ରୈତାରାଧନା । ପ୍ରବୋଧା ସେବାସମିତିର ସଭ୍ୟମାନଙ୍କ ସମେତ ସମସ୍ତେ ଆଚରଣ କରିବା ଭଲ ।

ତ୍ରୈତାରାଧକମାନେ ମୁଖ୍ୟତଃ ପରମାତ୍ମା ଜ୍ଞାନ ବ୍ୟତୀତ ଅନ୍ୟ ଦେବତାମାନଙ୍କ ଆରାଧନାକୁ ବର୍ଜନ କରିବା ଉଚିତ୍ । ତ୍ରୈତ ଆରାଧନା ତିନି ଦିନରେ ସର୍ବ ବିଶ୍ୱକୁ ସୃଷ୍ଟିକରି ପରିଚାଳିତ କରୁଥିବା ସ୍ୱୟଂ ଶକ୍ତି ପରମାତ୍ମାଙ୍କ ଆରାଧନା କରାଯାଉଥିବାରୁ ଅନ୍ୟ ଦେବତାମାନଙ୍କ ଆରାଧନା କରିବା ପରମାତ୍ମାଙ୍କୁ ନିନ୍ଦା କରିବା ଭଳି ହୋଇଥାଏ । ଯଦି ଏଭଳି ଆଚରଣ କରିବା ତେବେ ତାଙ୍କୁ ସଠିକ ବୁଝିନାହେଁ ବୋଲି ହିସାବ ହୋଇଥାଏ । ଯେଉଁମାନେ ଈଶ୍ୱର ବା ପରମାତ୍ମାଙ୍କ ମହାନତାକୁ ଜାଣିନଥାନ୍ତି ସେମାନେ ଅନ୍ୟ ଦେବତାମାନଙ୍କୁ ଆଶ୍ରୟ କରିପାରନ୍ତି । ଦେଖାଯାଉଥିବା ବେଳେ

ନଇଁ ଦେଖିବା ଆବଶ୍ୟକ ନଥାଏ । ତେଣୁ ପରମାତ୍ମା ଜ୍ଞାନର ମହିମା ଜଣାଥିବା ବେଳେ ଅନ୍ୟ ଦେବତାଙ୍କ ବାବଦରେ ବିଚାରକରିବା କଣ ଦରକାର ! ଇତର ଦେବତାମାନଙ୍କୁ ମାନବ ସୃଷ୍ଟି କରିଛି, ସେମାନେ ମଧ୍ୟ ଆମରିମାନଙ୍କ ଭଳି, ଆମେ ଜନ୍ମ ହେଉଥିବା ଭଳି ସେମାନେ ମଧ୍ୟ ଜନ୍ମ ହୋଇଥାନ୍ତି ବୋଲି ଅନେକଙ୍କୁ ଜଣା ନଥାଏ । ପୂର୍ବର ଜ୍ଞାନୀମାନେ ପରମାତ୍ମାଙ୍କ ଜ୍ଞାନ ଜଣାଇବା ନିମନ୍ତେ ଦୃଶ୍ୟ ରୂପର ଦେବାଳୟ (ମନ୍ଦିର) ଗୁଡିଏ ତିଆରି କରିଥିଲେ । ଦେବାଳୟର ରୂପ, ନାମରେ ପୂର୍ବେ ଦୈବଜ୍ଞାନ ମିଶି ରହିଥିଲା । କାଳକ୍ରମେ ସେମାନଙ୍କର ଉଦ୍ଦେଶ୍ୟ, ଜ୍ଞାନ ଆମକୁ ଅଜଣା ରହିଯାଇଥିବାରୁ ଇତର ଉଦ୍ଦେଶ୍ୟ ନେଇ ମାନବ ଦେବତାମାନଙ୍କୁ ସୃଷ୍ଟି କରି, ଅର୍ଥହୀନ ଆଚରଣରେ ବୁଡିଯାଇଛି । ଏହିଭଳି ଥିବା ଆଚରଣ ଏବଂ ଭକ୍ତିକୁ ଭଗବଦ୍ଗୀତାରେ ତାମସିକ ଆଚରଣ ବା ତାମସିକ ଭକ୍ତି ବୋଲି କୁହାଯାଇଛି । ଖର୍ଚ୍ଚ ଏବଂ କଷ୍ଟବିହୀନ ପରମାତ୍ମା ଆରାଧନାକୁ ଛାଡି ବ୍ୟୟବହୁଳ, କଷ୍ଟସାଧ୍ୟ ଅନେକ ଦେବତାମାନଙ୍କ ଆରାଧନାକୁ ମଣିଷ କଳ୍ପନା କରିଛି । ଈଶ୍ୱରଙ୍କ ବ୍ୟତୀତ ଅନ୍ୟ ଦେବତାମାନଙ୍କ ଆରାଧନା ମାୟାର ପ୍ରଭାବ ବୋଲି ନଜାଣିବା ଦ୍ୱାରା ସେଥିରେ ଛନ୍ଦିହୋଇ ମାନବ ପ୍ରକୃତ ଦୈବାରାଧନାକୁ ପାଶୋରି ଦେଇ ଈଶ୍ୱରଙ୍କଠାରୁ ଦୂରେଇଯାଉଛି । ଯେଉଁମାନେ ଅନ୍ୟ ଦେବତାମାନଙ୍କର ଆରାଧନା କରିଥାନ୍ତି, ସେମାନେ ଦେବତାମାନଙ୍କ ପାଇଁ ଆଳୟମାନ ନିର୍ମାଣ କରାଇଥାନ୍ତି, ସେଇମାନେ ହିଁ ଆମଠାରୁ ବଳି ଭକ୍ତ, ଆମଠାରୁ ବଳି ଜ୍ଞାନୀ ଆଉକେହି ନାହାନ୍ତି ବୋଲି ଦୃଢଭାବ ନେଇ ସମାଜରେ ଥାଆନ୍ତି, ସତକଥା କେବେ ଶୁଣନ୍ତି ନାହିଁ ।

ମୋକ୍ଷାଧିପତି ହୋଇଥିବା ପରମାତ୍ମାଙ୍କୁ ଚିହ୍ନାଇବା ପାଇଁ ପୂର୍ବେ ଇନ୍ଦୁମତରେ ଏକେଶ୍ୱର ଉପାସନା ଜ୍ଞାନ କୁହାଯାଇଥିଲା । ସେତେବେଳେ ଇନ୍ଦୁମତରେ ଏକେଶ୍ୱର ଉପାସନା ଅଛି ବୋଲି ଜଣାଇବା ନିମନ୍ତେ ଦେବାଳୟଗୁଡିଏ ମଧ୍ୟ ତିଆରି ହୋଇଥିଲା ।

କିନ୍ତୁ ଆଜି ଇନ୍ଦୁମତ ହିନ୍ଦୁମତରେ ବଦଳି ଏକେଶ୍ୱର ଉପାସନା ସ୍ଥାନରେ ବହୁଦେବତାରାଧନା ସୃଷ୍ଟି ହୋଇଛି । କାଳକ୍ରମେ ସ୍ୱତନ୍ତ୍ର ଭାବରେ କୌଣସି ମତ ନଥିବା ଇନ୍ଦୁମତରୁ ଅନେକ ମତ ସୃଷ୍ଟି ହୋଇଥିଲେ ମଧ୍ୟ, ସେଗୁଡିକରେ ବହୁଦେବତାରାଧନା ନ ରହିବା ଖୁସିର ବିଷୟ ହୋଇଥିଲେ ମଧ୍ୟ, ଭିତରେ ମତ ବାବଦରେ ନବୁଝି ପରମତଦ୍ୱେଷ ସମସ୍ତଙ୍କଠାରେ ସ୍ଥିର ହୋଇ ରହିଯାଇଛି । ଏହି ଅନୁସାରେ କେହି କୌଣସି ମତର ହେଲେହେଁ ସେମାନଙ୍କଠାରେ ମାୟା ଯଥାବିଧ କାର୍ଯ୍ୟ କରୁଛି ବୋଲି କହିପାରିବା । ଏହିଭଳି ପରିସ୍ଥିତିରେ ମାନବ ରହିଥିବା ଆଜିର କାଳରେ ମତ ବାବଦରେ ବୁଝାମଣା, ଅନ୍ୟ ଦେବତାମାନଙ୍କ ଅସ୍ତିତ୍ୱ ସମ୍ବନ୍ଧୀୟ ଜ୍ଞାନ ତଥା ସମସ୍ତଙ୍କର ସୃଷ୍ଟିକର୍ତ୍ତା ଏକୈକ ପରମାତ୍ମାଙ୍କ ଆରାଧନା ଜ୍ଞାନ ଆବଶ୍ୟକ ହେଉଛି । ସେହି ଅବଗାହନର ଆବଶ୍ୟକତା ପୂରଣ କରିବା ପାଇଁ **ଈଶ୍ୱର ଆମକୁ ତ୍ରୈତ ସିଦ୍ଧାନ୍ତ ବାଣୀ ପ୍ରଦାନ କରିଛନ୍ତି** । ଈଶ୍ୱର ପ୍ରଦତ୍ତ ଏହି ପ୍ରକୃତ ଜ୍ଞାନ ପ୍ରବୋଧା ସେବା ସଂସ୍ଥାରେ ରହିବା ଆମର ମହାଭାଗ୍ୟ ବୋଲି ଭାବନା କରି ଏହି ସଂସ୍ଥାର ସଭ୍ୟମାନେ ଅନ୍ୟମାନଙ୍କର ଆଦର୍ଶ ହେବା ଭଳି କେତେକ ଆଚରଣ କରି ଦେଖାଇବାରେ ଅଛି ।

ତ୍ରୈତାରାଧନାକୁ ତ୍ରୈତ ସିଦ୍ଧାନ୍ତ ଜାଣିଥିବା ପ୍ରତ୍ୟେକ ବ୍ୟକ୍ତି ଆଚରଣରେ ଆଣିବା ଉଚିତ୍ । ପ୍ରବୋଧା ସେବା ସମିତିରେ ଥିବା ଲୋକମାନେ ତ୍ରୈତାରାଧନାର ବିଶେଷତାକୁ ଜାଣି ଅନ୍ୟମାନଙ୍କୁ ଜଣାଇବାର କ୍ଷମତା ହାସଲ କରି ରହିବା ଉଚିତ୍ । ଏହି ସଂଘରେ ଥିବା ଲୋକମାନେ ଅନ୍ୟ ଦେବତାମାନଙ୍କର ଆରାଧନା କରିବା ଅନୁଚିତ, ସେମାନଙ୍କୁ ଯଦି ସେମାନଙ୍କର କେହି ବନ୍ଧୁବାନ୍ଧବମାନେ ଅନ୍ୟ ଦେବତା ପୂଜାକୁ ଆହ୍ୱାନ କରନ୍ତି ତେବେ ସେମାନଙ୍କୁ ତ୍ରୈତ ଆରାଧନାର ନୀତିନିୟମ ବାବଦରେ ଜଣାଇ, ଆମେ ଦେବତା ଆରାଧନା କରିବା ଦୈବଦ୍ରୋହ ହେବ ବୋଲି ଜଣାଇବା ଉଚିତ୍ । ପରମାତ୍ମାଙ୍କ ଆରାଧନାରେ କେତେବଡ କଷ୍ଟ ସ୍ୱୀକାର

କରିବା ଉଚିତ୍ ସିନା, ଅନ୍ୟ ଦେବତାମାନଙ୍କ ଆରାଧନାରେ ଟିକିଏ ମଧ୍ୟ ଶ୍ରମ କରିବା ବୃଥା ହୋଇଥାଏ ବୋଲି ଜାଣିବା ଉଚିତ୍ । ଅନ୍ୟ ଦେବତାମାନଙ୍କ ଆରାଧନା ପାଇଁ କିମ୍ବା ମନ୍ଦିର ନିର୍ମାଣ ପାଇଁ ଚାନ୍ଦା ଦେବା ଅନୁଚିତ୍ । ଏଭଳି କରିବା ଦ୍ୱାରା ଅନ୍ୟ ଦେବତାମାନଙ୍କର ଆରାଧନାକୁ ପ୍ରୋତ୍ସାହନ ଦେବାଭଳି ହୋଇଥାଏ । ଆଦି ମଧ୍ୟ ଅନ୍ତ ନଥିବା ପରମାତ୍ମାଙ୍କ ଆରାଧନା କିମ୍ବା ତାଙ୍କ ଅଂଶ ହୋଇଥିବା ଭଗବାନଙ୍କ ଆରାଧନା କରି ପାରନ୍ତି । ଏହି ଆରାଧନା କ୍ରମରେ ମିଳୁଥିବା ପ୍ରସାଦକୁ ମହାନ ଭାବିବା ଉଚିତ୍ । ଅନ୍ୟ ଦେବତା ଆରାଧନା କରି ଯଦି କେହି ପ୍ରସାଦ ଦିଏ ତେବେ ତାହା କୌଣସି ଖାଦ୍ୟ ପଦାର୍ଥ ଭାବି ଗ୍ରହଣ କଲେ ଚଳିବ ସିନା, ତାହାକୁ ପ୍ରସାଦ ଭାବିବା ଅନୁଚିତ୍ । ପ୍ରତ୍ୟେକ ଦିନ ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଜ୍ଞାନ ଜାଣିବା ଜଣାଇବା କାର୍ଯ୍ୟରେ ମଗ୍ନ ରହିବା ଉଚିତ୍ । ତ୍ରୈତ ଆରାଧନା କରୁଥିବା ଲୋକମାନେ ସର୍ବଦା ପବିତ୍ର ଭାବରେ ରହିବା ଅଭ୍ୟାସ କରିବା ଉଚିତ୍ । ତ୍ରୈତ ଆରାଧନା କରୁଥିବା ଏହି ତିନି ଦିନରେ କଠୋର ବାକ୍ୟର ବ୍ୟବହାର କିମ୍ବା କାହା ଉପରେ ଦ୍ୱେଷ ଭାବ ରଖିବା ଅନୁଚିତ୍ । ତ୍ରୈତ ଆରାଧନାରେ ସମସ୍ତେ ଶ୍ୱେତବସ୍ତ୍ର ପିନ୍ଧି କ୍ରମଶିକ୍ଷଣରେ ରହିବା ଉଚିତ୍ । ତ୍ରୈତ ସଂଘର ଲୋକମାନେ ଯଦି କେହି ମୃତ୍ୟୁବରଣ କରେ ତେବେ ସେହି ମୃତଦେହକୁ ପୂର୍ବଭଳି ଶବ ନକହି ଶିବ ଭାବନା କରି ଅନ୍ତିମ ଯାତ୍ରାରେ ସମସ୍ତେ ଆସି ଭାଗନେବା ଉଚିତ୍ । ତ୍ରୈତଜ୍ଞାନ ଅନୁସାରେ ସ୍ତ୍ରୀଲୋକ ମାନଙ୍କର **ଶ୍ରୀମତ (ଶ୍ରୀମନ୍ତ)** ଜ୍ଞାନ କାର୍ଯ୍ୟକ୍ରମ ନିର୍ବାହ କରିବା ଉଚିତ୍ । ମୃତ୍ୟୁବରଣ କରିଥିବା ବ୍ୟକ୍ତିର ମୋକ୍ଷ ନହୋଇ ଯଦି ଜନ୍ମ ହେଉଛି ବୋଲି ଜଣାଯାଏ ତେବେ ତାକୁ ପିଣ୍ଡଦାନ ମଧ୍ୟ କରିବା ଅନୁଚିତ୍ । ଯଦି ମୋକ୍ଷ ହେଲା ବୋଲି ଜଣାଯାଏ ତେବେ ସେତେବେଳେ ପିଣ୍ଡଦାନ ଭାବପୂରିତ ହୋଇ କରିବା ଉଚିତ୍ । ମୃତ ଦେହର ଶିବପୂଜା କରିବା ସମୟରେ କିମ୍ବା ଶିବଯାତ୍ରା ସମୟରେ ତ୍ରୈତକୁ ଚିହ୍ନାଉଥିବା ଶ୍ୱେତ

ରଙ୍ଗର ବସ୍ତ୍ରକୁ ମୁଣ୍ଡରେ ଧାରଣ କରିବା ଉଚିତ୍ । ଶିବକୁ (ଶବକୁ) ସ୍ପର୍ଶ କଲାବେଳେ ମୁଣ୍ଡରେ ଶ୍ୱେତବସ୍ତ୍ର ଧାରଣ କରିଥିବା ଉଚିତ୍ । ଏ ବାବଦରେ ଅନ୍ୟମାନଙ୍କୁ ଯେତେଦୂର ଜଣାଇବା କଥା ଜଣାଇବା ଉଚିତ୍ । ପ୍ରବୋଧା ସେବା ସମିତିର ଲୋକମାନେ ନିତ୍ୟ ଭାବରେ ତ୍ରୈତ ଜ୍ଞାନକୁ ଜାଣି ଜଣାଇବା ପାଇଁ ନିତ୍ୟ ଜୀବନର କିଛି ସମୟକୁ ବ୍ୟୟ କରିବା ଉଚିତ୍ । ଅତି କମରେ ଈଶ୍ୱରଙ୍କ ପାଇଁ ଦିନରେ ଏକ ଘଂଟା କିମ୍ବା ଅଧଘଂଟା କାଳକୁ ଧ୍ୟାନଦେବା ଉଚିତ୍ । ପ୍ରତ୍ୟହ ଏଭଳି ବ୍ୟୟ କରିବା କାଳରେ ମିଳୁଥିବା ଆଦାୟ ସମୁହକୁ ଦୈବକାର୍ଯ୍ୟରେ ବିନିଯୋଗ କରିବା ଉଚିତ୍ । ଏହିଭଳି ପ୍ରବୋଧା ସେବା ସଂଘର ଲୋକମାନେ ଅନ୍ୟମାନଙ୍କର ଆଦର୍ଶ ହୋଇ ଜୀବନ ବଞ୍ଚିବା ଉଚିତ୍ ।

ଭୂପୃଷ୍ଠରେ ଧର୍ମ ଅଧର୍ମ ହୋଇଥାଏ ବୋଲି ଭଗବଦ୍ଗୀତାରେ କହିବା ଭଳି ପୂର୍ବେ ଅତି ପବିତ୍ର ଥିବା ଆଦି, ସୋମ, ମଙ୍ଗଳ ବାରଗୁଡିକ ଆଜି ଅପବିତ୍ର ହୋଇଯାଇଛି । ସେହିଭଳି ପବିତ୍ରତା ନଥିବା ଅନ୍ୟ ଚାରିଗୋଟି ଦିନକୁ ସମସ୍ତେ ପବିତ୍ର ଦିନ ବୋଲି ଭାବୁଛନ୍ତି । ବିବରଣାତ୍ମକ କହିଲେ ଯିଏ ସବୁଦିଗରୁ ଖରାପ ହୋଇଯାଇଛି ତାକୁ ଶନିଗ୍ରହ କୋପ କରିଛନ୍ତି ବୋଲି କହିଥାନ୍ତି । ସବୁ ପ୍ରକାରର ଖରାପ କାର୍ଯ୍ୟର ଅଧିପତି ଶନି ବୋଲି ସମସ୍ତେ ଜାଣିବା ଭଳି ଏହି ପ୍ରବାଦ ରହିଆସିଛି । ଶନିଗ୍ରହର ଦିନ ହୋଇଥିବା ଶନିବାର ପୂର୍ବେ ପବିତ୍ରତା ନଥିବା ଦିନ ଭାବରେ ପରିଗଣିତ ହେଉଥିଲା । ସେହିଭଳି ବସ୍ତୁ, ବାହାନ, ବିଳାସ, ଶୃଙ୍ଗାରର ଅଧିପତି ହୋଇଥିବା ଶୁକ୍ର ଗ୍ରହର ଦିନ ହୋଇଥିବା ଶୁକ୍ରବାରକୁ, ସମସ୍ତ ଦେବତାମାନଙ୍କର ଗୁରୁ ହୋଇଥିବା, ଦେବତାମାନଙ୍କର ଅଧିପତି ହୋଇ ଭୌତିକଜ୍ଞାନ ଜଣାଉଥିବା ଗୁରୁ ଗ୍ରହର ଗୁରୁବାରକୁ, ମନ୍ତ୍ର, ତନ୍ତ୍ର, ଭୂତ, ପ୍ରେତ, ପିଶାଚଙ୍କର, ତାନ୍ତ୍ରୀକ ବିଦ୍ୟାର ଅଧିପତି ହୋଇଥିବା ବୁଧଗ୍ରହର ବୁଧବାରକୁ ଦୈବଜ୍ଞାନ ଜାଣିଥିବା ଜ୍ଞାନୀମାନେ ପବିତ୍ର ବୋଲି

ସେତେବେଳେ ଭାବନା କରୁନଥିଲେ । ଜ୍ଞାନ ଅନୁସାରେ ପ୍ରଥମ ଦିନ ହୋଇଥିବା ରବିବାର, ଦ୍ୱିତୀୟ ଦିନ ହୋଇଥିବା ସୋମବାର ଏବଂ ତୃତୀୟ ଦିନ ହୋଇଥିବା ମଙ୍ଗଳବାରକୁ ପବିତ୍ର ବାର ଭାବରେ ଗ୍ରହଣ କରିଥିଲେ, କିନ୍ତୁ ଆଜି ସବୁ ଓଲଟା ହୋଇ ଯାହାକୁ ପବିତ୍ର ଦିନ କହିବା ଉଚିତ୍ ତାହାକୁ ଅପବିତ୍ର ଦିନ କହି ପବିତ୍ର ଦିନ ହୋଇ ନଥିବା ଦିନଗୁଡିକୁ ପବିତ୍ର ଦିନ ଭାବରେ ହିସାବ କରୁଛନ୍ତି ।

ସବୁ ଦିଗରୁ ଯେଉଁମାନେ ଭ୍ରଷ୍ଟ ହୋଇଯାଇଥାନ୍ତି ସେମାନଙ୍କ ଅନ୍ୟ ନାମରେ କୁହାଯାଉଥିବା ଶନିବାରକୁ, ସବୁ ପ୍ରକାରରେ ହୀନ ହୋଇଥିବା ଲୋକମାନଙ୍କର ଚିହ୍ନ ଭାବରେ କୁହାଯାଉଥିବା ଶନିବାରକୁ କୌଣସି ଜ୍ଞାନ ନଥିବା ଲୋକମାନେ ପବିତ୍ର ଦିନ ଭାବରେ ଗଣନା କରୁଛନ୍ତି । କେତେକ ଶନିବାର ଦିନ ଘରଦ୍ୱାର ପରିଷ୍କାର କରି ନାନା ଦେବତାଙ୍କ ଆରାଧନା କରୁଛନ୍ତି । ଶନିବାର ଦିନ ଶୁଚିଶୁଭ୍ରତାକୁ ଦୃଷ୍ଟିଦେଇ ମୁଣ୍ଡଧୋଇ ଗାଧୋଇ ଘରେ ମାଛ, ମାଂସାଦି ଆମିଷ ପ୍ରବେଶ ନକରାଇ ପବିତ୍ର ଦିନ ଭାବରେ ପାଳନ କରୁଛନ୍ତି । ଆଉକେତେକ ଶନିଗ୍ରହର ରୂପ କଳ୍ପନା କରି କାଉ ବାହାନ ଉପରେ ବସିଥିବା ଶନିଶ୍ଚର ଓଷା କରୁଛନ୍ତି । ଜ୍ଞାନ ସମ୍ବନ୍ଧୀୟ କୌଣସି ବିଶେଷତା ନଥିବା ଶନିବାରକୁ ଆଜିର କାଳରେ ପବିତ୍ର ଦିନ ଭାବରେ ଦେଖିବା, ସବୁ ଦିଗରୁ ଜ୍ଞାନବିବରଣ ପ୍ରଦାନ କରୁଥିବା ଆଦି ବା ରବିବାରକୁ ଅପବିତ୍ର କାର୍ଯ୍ୟରେ ବ୍ୟବହାର କରିବାକୁ ଦେଖିଲେ ଧର୍ମ ଅଧର୍ମରେ ବଦଳିଛି ବୋଲି ନକହି ରହିପାରିବା ନାହିଁ । ସେହିଭଳି କୌଣସି ଜ୍ଞାନ ନଥିବା ପ୍ରାପଞ୍ଚିକ ବା ଭୌତିକ ଧନ, କନକ, ବସ୍ତୁ, ବାହାନ, ଭୋଗବିଳାସ, ଶୃଙ୍ଗାର ବିଷୟର ଅଧିପତି ହୋଇଥିବା ଶୁକ୍ର ଗ୍ରହର ଶୁକ୍ରବାରକୁ ମଧ୍ୟ ଲକ୍ଷ୍ମୀଙ୍କ ବାର, ଧନ ମିଳିବାର ଦିନ, ଧନ ପାଇଁ ପୂଜା କରାଯିବା ଦିନ, ଉପବାସ ରହିବା ଦିନ ବୋଲି କହୁଥିବା ଜଣାଯାଉଛି । ଗୁରୁବାରରେ ମଧ୍ୟ ଲକ୍ଷ୍ମୀପୂଜା, ସାଇବାବା ପୂଜା ଇତ୍ୟାଦି ପୂଜା ନିମନ୍ତେ

ଶୁଚିଶୁଭ୍ରତାରେ ରହିବା ମଧ୍ୟ ଦେଖୁଛେ । ଏହିଭଳି ସପ୍ତାହର  ଶେଷାର୍ଦ୍ଧରେ ଥିବା ଗୁରୁ, ଶୁକ୍ର,  ଶନିବାରକୁ ପବିତ୍ର ଦିନ ବୋଲି ଭାବିବା, ପବିତ୍ର ଦିନ ହୋଇଥିବା ଆଦି, ସୋମ, ମଙ୍ଗଳବାରକୁ ଅପବିତ୍ର ଦିନ ଭାବରେ ନେବା ସମସ୍ତଙ୍କର ଅଭ୍ୟାସ ହୋଇଯାଇଛି । ଏମିତି କାଳଗର୍ଭରେ ଅନେକ ଧର୍ମ ଅଧର୍ମରେ  ବଦଳିଯାଇଛି  ବୋଲି ସ୍ପଷ୍ଟ ବୁଝିହେଉଛି ।  ପରମାତ୍ମା ମାର୍ଗର ଅବରୋଧ ହେଉଥିବା ଅଧର୍ମଗୁଡିକୁ ଦୂରକରି, ଦୈବଧର୍ମର ପ୍ରଚାର କରି ସେଗୁଡିକର ଆଚରଣ କରିବା ଆମର କର୍ତ୍ତବ୍ୟ । ଅଧର୍ମକୁ ବିନାଶ କରି ଧର୍ମ ସ୍ଥାପନା କରିବାପାଇଁ ସୃଷ୍ଟିକର୍ତ୍ତା ଈଶ୍ୱର ମାନବ ଅବତାର ଗ୍ରହଣକରି ନାନା ଦୁଃଖକଷ୍ଟ, ମାନପମାନ ସହିଛନ୍ତି । ସାଧାରଣ  ମାନବ ହୋଇଥିବା ଆମେ ଯଦି  ଧର୍ମକୁ ଧର୍ମ କହି ଅଧର୍ମକୁ ଅଧର୍ମ କହିବା ସେତେବେଳେ ଅଧର୍ମ ଆଚରଣରେ ପଡିଥିବା ଲୋକମାନଙ୍କ ଦ୍ୱାରା ନିଶ୍ଚୟ କିଛି ଦୁଃଖକଷ୍ଟ, ମାନାପମାନକୁ  ସହିବାକୁ ପଡିବ । ସତ୍ୟକୁ ଜାଣି ମଧ୍ୟ ନ କହିଲେ ନିଜ ଭିତରେ ଦୈବ ପ୍ରତିନିଧି  ହୋଇ  ରହିଥିବା ଆତ୍ମାଙ୍କୁ ଦ୍ରୋହ କରିବା ଭଳି ହେବ । ଜାଣିବା ପରେ ନ କହିଲେ ଆତ୍ମଦ୍ରୋହ, ଜାଣିବା ପରେ କହିଲେ ଅଜ୍ଞାନୀମାନଙ୍କ ଦାଉ । ରବିବାର ଦିନ ଦେହ, ଘର ସଫାରଖି, ଘରେ ମାଛ, ମାଂସାଦି ଆମିଷ ପ୍ରବେଶ ନକରାଇ ପବିତ୍ର ଭାବରେ ରହିବା ଉଚିତ୍ ବୋଲି କହିଲେ ଅଜ୍ଞାନୀମାନଙ୍କୁ ଏକଥା ବିରୁଦ୍ଧ ବୋଧହେବ, କିନ୍ତୁ ଯେଉଁମାନେ ଦୈବମାର୍ଗରେ ଯାତ୍ରା କରିବାକୁ ଚାହାନ୍ତି ସେମାନଙ୍କୁ ଏଇଭଳି କେତେ ଦୁଃଖକଷ୍ଟକୁ ସମ୍ମୁଖିନ କରି, ଧର୍ମ ପ୍ରଚାର କରି ସମାଜରୁ ଅଧର୍ମକୁ ଦୂର କରିବା ନିମନ୍ତେ ଚେଷ୍ଟା କରିବାକୁ ହେବ ।

ପୂର୍ବେ ଇନ୍ଦୁମତ ମହୋନ୍ନତ ଜ୍ଞାନରେ ଭରି ରହିଥିଲା । ଜ୍ଞାନ ସମ୍ପନ୍ନ ଦେଶ ହୋଇଥିବାରୁ ଆମର ଏହି ଦେଶକୁ ସମସ୍ତେ ଇନ୍ଦୁଦେଶ କହୁଥିଲେ । ପୂର୍ବେ ତ୍ରୈତାରାଧନା ସକ୍ରମରେ ହେଉଥିଲା । ସେଦିନର ସାମୁହିକ ପ୍ରାର୍ଥନା ଆଜି ମୁସ୍ଲିମ୍ ସମ୍ପ୍ରଦାୟର ଲୋକମାନେ ସେମାନଙ୍କ

ମସଜିଦ୍‌ରେ କରୁଥିବା ନମାଜ ଭଳି ଥିଲା । ସମସ୍ତେ ସେହି ଆରାଧନାରେ ଭାଗ ନେଉଥିଲେ । ଏହିଭଳି ଥିବା ସେଦିନର ଇନ୍ଦୁମାନଙ୍କ ଆରାଧନା ଆଜି କେଉଁଠାରେ ଟିକିଏ ମଧ୍ୟ ଦେଖିବାକୁ ମିଳୁନାହିଁ । ପୂର୍ବେ କେତେ ଅର୍ଥପୂର୍ଣ୍ଣ ଥିବା ଜ୍ଞାନର ଆରାଧନା ଆଜି ନାହିଁ । ଆଣ୍ଠୁମାଡି ବସି ପ୍ରାର୍ଥନା କରିବା ଆଜି ମୁସ୍ଲିମ୍ ସଂପ୍ରଦାୟରେ ବଜାୟ ଅଛି । କେତେ ବିଶ୍ୱାସର ସହିତ, ଅଲ୍ଲାଃଙ୍କ ପ୍ରତି ବିନୟର ସହିତ, ପ୍ରବକ୍ତାଙ୍କ ବାଣୀକୁ ତିଳେ ମଧ୍ୟ ନଛାଡି କ୍ରମଶିକ୍ଷଣର ସହିତ ଆଚରଣ କରିବା ଆଜି ଇସ୍ଲାମରେ ଅଛି । କେତେ ଉନ୍ନତ ରୀତିରେ ସେଦିନ ଇନ୍ଦୁମାନେ କରୁଥିବା ଜ୍ଞାନ ଆରାଧନା ଲୋପ ପାଇଯିବା ସତରେ ବିଚାରଣୀୟ ବିଷୟ । ଏବେ ମଧ୍ୟ ସମୟ ଅଛି ନିଜର ଦୋଷ ଦୁର୍ବଳତାକୁ ଗ୍ରହଣ କରି, ବହୁତ ପଛରେ ଜନ୍ମହୋଇଥିବା ଇସ୍ଲାମ ମତର ଆରାଧନାକୁ ଦେଖି ପୂର୍ବର ଜ୍ଞାନ ଆରାଧନା ବା ତ୍ରୈତାରାଧନାକୁ ମନେପକାଇ,ଜାଣିନଥିବା ଲୋକମାନଙ୍କୁ ଜଣାଇ ଆଚରଣରେ ଆଣି ଜ୍ଞାନମାର୍ଗରେ ଅଗ୍ରସର ହେବା ଉଚିତ୍ । ପ୍ରତ୍ୟେକ ଇନ୍ଦୁ ଏଯାବତ୍ ଜାଣିନଥିବା ତ୍ରୈତାରାଧନାକୁ ଜାଣିବା ଉଚିତ୍ । ଆଜିପର୍ଯ୍ୟନ୍ତ ହିନ୍ଦୁମତରେ ଥିବା ଗୁରୁମାନେ, ସ୍ୱାମୀଜୀମାନେ ଏକଥା ଆମକୁ କେବେ ଜଣାଇ ନାହାନ୍ତି, ଆପଣ ନୂଆକଥା ଜଣାଉଛନ୍ତି ବୋଲି ଆମକୁ ପ୍ରଶ୍ନ ନକରି, କେତେ କେତେ ବଡ ସ୍ୱାମୀଜୀମାନେ ଥିଲେ କଣହେବ ସେମାନଙ୍କଠାରେ ଜ୍ଞାନ ନଥିଲେ କିଛି ପ୍ରୟୋଜନ ନାହିଁ ଭାବି, ଅନ୍ୟ ମତାବଲମ୍ବୀମାନଙ୍କ ଆଗରେ ତ୍ରୈତାରାଧନା କରି ଧୈର୍ଯ୍ୟ ସହିତ ଠିଆହେବାକୁ ଚେଷ୍ଟାକରିବା ଉଚିତ୍ । ପୁରୁଷପଣିଆ ନଥିବା ପୁରୁଷ ତାର ସ୍ତ୍ରୀକୁ କେତେ ଭଲରେ ରଖିଲେ ମଧ୍ୟ ସ୍ତ୍ରୀପଣିଆ ଥିବା ସ୍ତ୍ରୀକୁ ତାହା ଭଲଲାଗେ ନାହିଁ ବୋଲି କହନ୍ତି । ସେହିଭଳି ପୁରୁଷତ୍ୱ (ଦୈବତ୍ୱ)କୁ ଚିହ୍ନାଇ ପାରୁନଥିବା ଗୁରୁ ଯେତେ ଯେଉଁ ବାଣୀ ବୋଧ କଲେ ମଧ୍ୟ ସ୍ତ୍ରୀତତ୍ତ୍ୱ (ମାୟା ତତ୍ତ୍ୱ) ଥିବା ଲୋକମାନଙ୍କୁ ତାହା ଅସନ୍ତୃପ୍ତି ବୋଧ ହୋଇଥାଏ । ସେଥିଲାଗି ଆଜିର କାଳରେ ଜଣେ ବ୍ୟକ୍ତି

ଅନେକ ଗୁରୁଙ୍କର ଆଶ୍ରୟ ନେଇଥାଏ । ଆଜି ମଧ୍ୟ ସେ ଯାହା ଜାଣିବା କଥା ତାହା ଜାଣିପାରେ ନାହିଁ । ଆଜି ବି ସମୟ ଅଛି, ଗୁରୁମାନଙ୍କ ଭ୍ରମ ଛାଡି ସମସ୍ତଙ୍କର **ଜଗଦ୍ଗୁରୁ** ଜଣେ ବୋଲି ଜାଣି ତାଙ୍କରି ଅନ୍ୱେଷଣ କରିବାର ଉଦ୍ଦେଶ୍ୟରେ ଏହି ତ୍ରୈତାରାଧନା ଆଚରଣରେ ଆଣି ଇନ୍ଦୁମାନଙ୍କର ଆରାଧନା ଏଇଭଳି ଥାଏ ବୋଲି ଜଣାଇବା ଉଚିତ୍ । **ଆପଣ ଯଦି ପ୍ରକୃତ ଇନ୍ଦୁ ତାହେଲେ ତୋ ମୁଖରେ ଚନ୍ଦନ, ସିନ୍ଦୁର ଟୋପା ଅପେକ୍ଷା ମୁଖ୍ୟ ହୋଇଥିବା ଆଦି (ରବି), ସୋମ, ମଙ୍ଗଳବାରର ଆରାଧନାକୁ ତିନି ଦିନରେ, ତିନି ଦିଗରେ,ତିନି ଯୋଗରେ, ତିନିଲୋକର ଲୋକମାନଙ୍କୁ ଜଣାଇବା ଭଳି ତିନି ଆରାଧନା କରି ଇନ୍ଦୁ ନାମକ ଶବ୍ଦର ମୂଲ୍ୟକୁ, ଅର୍ଥକୁ ସାର୍ଥକ କରନ୍ତୁ ବୋଲି କାମନା କରୁଛୁ । ଆଜି ମଧ୍ୟ ପ୍ରତିଦିନ ଇନ୍ଦୁ ଭାବେ ଜନ୍ମହୋଇ, ଇନ୍ଦୁ ଭାବେ ବଞ୍ଚି, ଇନ୍ଦୁ ଭାବେ ମୃତ୍ୟୁବରଣ କରନ୍ତୁ ବୋଲି ଜଣାଇ ସମାପ୍ତ କରୁଛୁ ।**

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ !!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ ?

### ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି** । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି

ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମପ୍ରଶ୍ନ -ଆମେ ଖ୍ରୀଷ୍ଟିଆନ ! ଭଗବଦ୍ଗୀତା କାହିଁକି ପ୍ରଚାରକରୁଛୁ ?**

**ସେମାନଙ୍କ ସମାଧାନ** - ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ**

**ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆୟିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଲୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ - ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି-ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯାଞ୍ଚ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୁର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତୁମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା**

**ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୁର୍ଖଙ୍କ ଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ** – ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** - ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି

ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ - ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ** - ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା -** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ

ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି **'ଇନ୍ଦୁ'**ର ଅର୍ଥ ଅଛି ସିନା **'ହିନ୍ଦୁ'**ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

# ଇନ୍ଦୁ ଜ୍ଞାନ ବେଦିକା